## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ



ବଅଁରପାଳ, ୧୧।୧୨ (ଡି.ଏନ୍.ଏ) - ବଅଁରପାଳ ଥାନା ଅନ୍ତର୍ଗତ ମହୀଧରପୁର ଗ୍ରାମର ମଧୁଆମୁଣ୍ଡା ସାହି ନିକଟରେ ବୁଧବାର ପୂର୍ବାହ୍ନରେ ଏକ ମିନି ଟ୍ରକ ଧକ୍କାରେ ଜୀବନ ସାହୁ(୩୨) ନାମକ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ପଛରେ ବସିଥିବା ଯୁବକ ଗୁରୁତର ହୋଇଛନ୍ତି। ଉଭୟଙ୍କ ଘର ହିନ୍ଦୋଳ ଥାନା ବନମାଳୀପୁର ଗ୍ରାମରେ ବୋଲି ଜଣାପଡିଛି। ସେ ବାଇକ ଯୋଗେ ସାତମାଇଲରୁ ଅନୁଗୋଳ ଆଡ଼କୁ ଆସୁଥିବାବେଳେ ଅପରପାର୍ଶ୍ୱରୁ ଆସୁଥିବା ଟ୍ରକଟି ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଜୀବନଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ଥାନାରେ ନଂ. ୨୭୮/୧୯ରେ ଏକ ମାମଲା ହୋଇଛି। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକ ରାସ୍ତାରେ ଟାୟାର ଜାଳି ଆନ୍ଦୋଳନ କରିଥିଲେ। ମହୀଧରପୁର ପୋଲିସ ପହଞ୍ଚି ବୁଝାଶୁଝା କରିବା ଆନ୍ଦୋଳନ ହଟିଥିଲା।

### ଅନୁଗୋଳ ତହସିଲରେ ନୂଆ ତହସିଲଦାର



ଅନୁଗୋଳ ଅଫିସ୍, ୧୧।୧୨- ଅନୁଗୋଳ ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ନୂତନ ତହସିଲଦାର ଭାବେ ନେହୁରୁ ମାଝି ଯୋଗଦାନ କରଛନ୍ତି। ପୂର୍ବରୁ ତହସିଲଦାର ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନେହୁରୁ ପୂର୍ବରୁ କୋରାପୁଟ ତହସିଲ କାର୍ଯ୍ୟାଳୟରେ ତହସିଲଦାର ରହିଥିଲେ।

### ଇସ୍କନ ପକ୍ଷରୁ ଗୀତା ପୁସ୍ତକ ବିତରଣ

ଅନୁଗୋଳ ଅଫିସ, ୧୧।୧୨- ଅନ୍ତରାଷ୍ଟ୍ରୀୟ କୃଷ୍ଣ ଭାବନାମୃତ ସଂଘ ଇସ୍କନ ଅନୁଗୋଳରେ ଗୀତା ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ, ସ୍କୁଲରେ ଭାଗବତ ଗୀତା ପୁସ୍ତକ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅନୁଗୋଳ ବ୍ଲକ ଅନ୍ତର୍ଗତ ଖଣ୍ଡହତା ଆଦର୍ଶ ବିଦ୍ୟାଳୟରେ ଇସ୍କନ ଅନୁଗୋଳର ସରୋଜ ପ୍ରଭୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ଶ୍ରୀମଦ୍ ଭାଗବତ ଗୀତାର ମହତ୍ତ୍ୱ ବର୍ଣ୍ଣନା କରିଥିଲେ। ପରେ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ୮୩ ଖଣ୍ଡ ଭାଗବତ ଗୀତା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ଇସ୍କନର ପରିଚାଳକ ଜୟ ଗୋପାଳ ଦାସ ଓ ଭକ୍ତମାନେ ସହଯୋଗ କରିଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କଲେ ନୋଡାଲ ସଚିବ

# ବାହାରେ ଡାଏଲିସିସ ନେଇ ଉଦ୍‌ବେଗ

ଅନୁଗୋଳ ଅଫିସ, ୧୧।୧୨

ରାଜସ୍ୱ ପରିଷଦ ସଦସ୍ୟ ତଥା ଅନୁଗୋଳର ନୋଡାଲ ସଚିବ ସି.ଜେ. ଭେନୁଗୋପାଳ ବୁଧବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ପରିଦର୍ଶନ ସମୟରେ ନୋଡାଲ ସଚିବ ମେଡିକାଲ ଭିତ୍ତିଭୂମି ବିକାଶ ନିମନ୍ତେ ଚିଠା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ମେଡିକାଲର ଶିଶୁ ବିଭାଗ ସହ ଅନ୍ୟାନ୍ୟ ୱାର୍ଡ ବୁଲିବା ବେଳେ ମେଲ୍ ୱାର୍ଡରେ ଥିବା ଜଣେ ରୋଗୀଙ୍କ ଡାଏଲିସିସ ବାହାରେ କରାଯିବା ନେଇ ନୋଡାଲ ସଚିବ ଉଦ୍‌ବେଗ ପ୍ରକାଶ କରିଥିଲେ।

ନୋଡାଲ ସଚିବ ପୂର୍ବାହ୍ନରେ ପହଞ୍ଚିବା ପରେ ପ୍ରଥମେ ମେଡିକାଲର ବହିର୍ବିଭାଗକୁ ଯାଇଥିଲେ। ସେଠାରେ ରୋଗୀ ସେବା କିପରି ଭାବେ ଚାଲିଛି ତାହା ଅନୁଧ୍ୟାନ କରିବା ପରେ ସିଧାସଳଖ କମ୍ପ୍ୟୁଟର ପଞ୍ଜୀକରଣ ବ୍ୟବସ୍ଥାର ତଦାରଖ କରିଥିଲେ। ପରେ ନିରାମୟ ଔଷଧ ଲୋକଙ୍କୁ କିଭଳି ଭାବେ ବଣ୍ଟନ କରାଯାଉଛି ସେ ନେଇ ମେଡିକାଲ କର୍ତ୍ତୃପକ୍ଷ ଓ କର୍ମଚାରୀଙ୍କ ସହ ଆଲୋଚନା କରିଥିଲେ। ସରକାରଙ୍କ ପ୍ରସ୍ତାବ ଅନୁଯାୟୀ ୱାର୍ଡ ସମ୍ପ୍ରସାରଣ ଓ ବେଡ୍ ସଂଖ୍ୟା ବୃଦ୍ଧି ସମ୍ପର୍କରେ ଜିଲାପାଳ ଏବଂ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପରେ ଶିଶୁ ବିଭାଗର ବେଡ୍ ସଂଖ୍ୟା ବୃଦ୍ଧି କରିବାକୁ ନୋଡାଲ ଅଫିସର ପ୍ରସ୍ତାବ ଦେଇଥିଲେ। ଇନ୍‌ଫେକସନ୍ ବିଭାଗ ବୁଲି ଦେଖିବା ସହ ଇସିଜି ବ୍ୟବସ୍ଥା ଖୁବ୍ ଶୀଘ୍ର ଯୋଗାଇ ଦିଆଯିବ ବୋଲି ସେ କହିଥିଲେ। ଜଣେ କିଡ୍‌ନୀ ରୋଗୀଙ୍କ ଡାଏଲିସିସ ବାହାରେ ହେଉଥିବା ଜାଣି ତୁରନ୍ତ ମେଡିକାଲରେ ତାଙ୍କୁ ଡାଏଲିସିସ ସୁବିଧା ଯୋଗାଇ ଦେବାକୁ ନୋଡାଲ ସଚିବ ଭେନୁଗୋପାଳ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ମେଡିକାଲର ଜଣେ ଅଧିକାରୀ କହିଛନ୍ତି, ଅନେକ ରୋଗୀ ଡାଏଲିସିସ ପାଇଁ ନମ୍ବର ଆସିବାକୁ ଅପେକ୍ଷା ନ କରି ଏଠାରୁ ଡିସ୍‌ଚାର୍ଜ ହୋଇଯାଉଛନ୍ତି। ବାହାରେ ଡାଏଲିସିସ କରିବା ପରେ ପୁଣି ଆସି ଆଡମିଶନ ହେଉଛନ୍ତି। ତେଣୁ ସମ୍ପୃକ୍ତ ରୋଗୀଙ୍କ ପାଳି ପଡ଼ିଲେ ଡାଏଲିସିସ କରାଯିବ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତି କହିଛନ୍ତି, ଡାଏଲିସିସ ୱାର୍ଡରେ ଅଧିକ ସଂଖ୍ୟାରେ ରୋଗୀ ଅଛନ୍ତି। ତେଣୁ ଡାଏଲିସିସ ବେଡ ସଂଖ୍ୟା ବଢ଼ାଇବାକୁ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ କୁହାଯାଇଛି।

## ଶିକ୍ଷୟିତ୍ରୀଙ୍କୁ ଅସଦାଚରଣ, ହତ୍ୟା ଧମକ: ଶିକ୍ଷକ ଗିରଫ

ଭଦ୍ରକ ଅଫିସ, ୧୧।୧୨

ଜଣେ ଶିକ୍ଷୟିତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାନସିକ ନିର୍ଯାତନା ଓ ହତ୍ୟା ଧମକ ଦେବା ଅଭିଯୋଗରେ ଭଦ୍ରକର ଏକ ସ୍କୁଲର ଏନ୍‌ସିସି ଶିକ୍ଷକ ଅକ୍ଷୟ କୁମାର ସେଠୀଙ୍କୁ ବୁଧବାର ସହରାଞ୍ଚଳ ପୋଲିସ ଗିରଫ କରିଛି। ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ଏତଲାକୁ ଭିତ୍ତିକରି ପୋଲିସ ସ୍କୁଲର ୩ ଜଣ ଶିକ୍ଷକଙ୍କ ବିରୋଧରେ ମାମଲା(ନଂ.୩୫୫/୧୯) ରୁଜୁ କରିଛି। ଗିରଫ ଶିକ୍ଷକ ଅକ୍ଷୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅଭିଯୋଗ ଅନୁଯାୟୀ, ସ୍କୁଲର ୩ଜଣ ଶିକ୍ଷକ ଈର୍ଷାନ୍ୱିତ ହୋଇ ତାଙ୍କୁ ମାନସିକ ନିର୍ଯାତନା ଦେଉଛନ୍ତି। ଏପରିକି ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ହତ୍ୟା ଧମକ ମଧ୍ୟ ଦେଉଥିଲେ। ସୂଚନାଥାଉ କି, ସ୍କୁଲର ୪ ଜଣ ଶିକ୍ଷକ ବଦଳିକୁ ନେଇ ଶିକ୍ଷକମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ର ନିର୍ଦ୍ଦିଷ୍ଟ ଏକ ଶିକ୍ଷକ ଗୋଷ୍ଠୀଙ୍କ ସପକ୍ଷରେ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ବଦଳି ବାତିଲ ପାଇଁ ଦାବି କରିବା ସହ ଫାଟକରେ ତାଲା ପକାଇବା ଭଳି ଆନ୍ଦୋଳନାତ୍ମକ ପନ୍ଥା ଆପଣାଇଥିଲେ।

## ଗ୍ରାମାଞ୍ଚଳ ଆଥଲେଟିକ୍ସ ଉଦ୍‌ଯାପିତ



ଅତିଥିଙ୍କ ଗହଣରେ ପୁରସ୍କାର ସହ କୃତୀ ପ୍ରତିଯୋଗୀମାନେ।

ତାଳଚେର,୧୧।୧୨(ନି.ପ୍ର.)

ଏନ୍‌ଟିପିସି କଣିହାଁଠାରେ ଚାଲିଥିବା ୧୭ ତମ ଗ୍ରାମାଞ୍ଚଳ ଆଥଲେଟିକ୍ସ ପ୍ରତିଯୋଗିତାର ପୁରସ୍କାର ବିତରଣୀ ସମାରୋହ ବୁଧବାର ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କଣିହାଁ ବ୍ଲକର ୩୦ଟି ସ୍କୁଲରୁ ୪୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଡେରେଙ୍ଗ ସରକାରୀ ହାଇସ୍କୁଲ ସର୍ବାଧିକ ଟ୍ରଫି ହାସଲ କରି ଚାମ୍ପିୟନ ସ୍କୁଲ ଭାବେ ପୁରସ୍କୃତ ହୋଇଥିଲା। ଡେରେଙ୍ଗ ସରକାରୀ ହାଇସ୍କୁଲର ନୁନାରାମ ଟୁଡୁ ଏବଂ କଳ୍ପତରୁ ଭୈରବୀ ସ୍କୁଲର ରଞ୍ଜିତା ସାହୁ ଶ୍ରେଷ୍ଠ ଆଥଲେଟିକ୍ ଭାବେ ଓ ଏନ୍‌ଟିପିସି କଣିହାଁ ଡିଏଭି ସ୍କୁଲର ବାଳିକା ଗ୍ରୁପ୍ ଶହେ ମିଟର ରିଲେ ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଜିଏମ୍ (ଏସ୍.ଏସ୍.ସି.) ନବୀନ ବଗାଇ, ଏଜିଏମ୍ (ଏଚ.ଆର.) କେ.ଏସ. ଶର୍ମା ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଟିପିସି ସ୍ପୋର୍ଟସ କାଉନସିଲର ଚେୟାରମ୍ୟାନ୍ ପି.ଆର. ବାରିକ, ଜେନେରାଲ ସେକ୍ରେଟାରୀ ସୁଜିତ କୁମାର ପାଣି, ଅନ୍ୟ ସଦସ୍ୟ ଓ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏନ୍‌ଟିପିସି କଣିହାଁ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା କଣିହାଁ ସ୍ପୋର୍ଟସ କାଉନସିଲ ସହଯୋଗରେ ଅନୁଷ୍ଠିତ ହୋଇଥିଲା।

## ଟ୍ରକ୍ ଚାଳକଙ୍କୁ ହାଣି ଲୁଟ୍, ଜଣେ ଗିରଫ

ଛେଣ୍ଡିପଦା, ୧୧।୧୨(ସ୍ୱ.ପ୍ର.)

ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ୬୩ ନମ୍ବର ରାଜ୍ୟ ରାଜପଥର ରାଇଝରଣଠାରେ ଜଣେ ଟ୍ରକ୍ ଚାଳକଙ୍କୁ ଭୁଜାଲିରେ ହାଣି ଲୁଟ୍ କରିବା ଅଭିଯୋଗରେ ପୋଲିସ ରାଇଝରଣ ଗ୍ରାମର ଆଲୋକ ଗୋଛାୟତଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ପୋଲିସ କହିଛି, ସୋମବାର ବିଳମ୍ବିତ ରାତିରେ ଚାଳକ ତୁଳାରାମ କିଷାନ ଟ୍ରକ୍ (ନଂ. ଓଡି୦୯-ଏଚ-୫୯୩୭)ରୁ ଜିନ୍ଦଲରୁ ଦେବଗଡ ଫେରୁଥିବାବେଳେ ରାଇଝରଣ ନିକଟରେ ଆଲୋକ ଓ ଅନ୍ୟମାନେ ଟ୍ରକକୁ ଅଟକାଇବା ସହ ଏକ ଭୁଜାଲିରେ ତାଙ୍କ ପାପୁଲିକୁ ହାଣି ମୋବାଇଲ ଓ ୫ ହଜାର ଟଙ୍କା ନେଇ ପଳାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଜଣେ ଟ୍ରକ୍ ଚାଳକ ବିକ୍ରମ ମହାନ୍ତି ତୁଳାରାମଙ୍କୁ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତୁଳାରାମ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨୩୭/୧୯ରେ ମାମଲା ରୁଜୁ କରିଥିଲା। ଥାନା ଅଧିକାରୀ ପ୍ରୀତି ମଞ୍ଜରି ଓ ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ରାଉତ ତଦନ୍ତ କରି ଆଲୋକ ଗୋଛାୟତକୁ ପୋଲିସ ଗିରଫ କରିବା ସହିତ ଲୁଟରେ ବ୍ୟବହୃତ ଭୁଜାଲି ଓ ୯ଶହ ଟଙ୍କା ଜବତ କରିଛନ୍ତି। ଅନ୍ୟ ଅଭିଯୁକ୍ତ ରାଇଝରଣ ଗ୍ରାମର ଚନ୍ଦନ ଗୋଛାୟତ, ଟିକନ ଗୋଛାୟତ ଓ ଭାଲୁଗାଡିଆ ଗ୍ରାମର ଶଙ୍କର ନାଏକ ଫେରାର ଥିବା ପୋଲିସ କହିଛି।

## ପୂର୍ତ୍ତ ବିଭାଗ ରାସ୍ତା ଉନ୍ନତୀକରଣ ଭୂମିପୂଜା

ବଇଣ୍ଡା/ବନ୍ତଳା, ୧୧।୧୨(ଡି.ଏନ.ଏ.)



ବିଧାୟକ ଡୁମୁରସିଙ୍ଗା-ଖମାର ରାସ୍ତା ଉନ୍ନତୀକରଣ ପାଇଁ ଭୂମିପୂଜା କରୁଛନ୍ତି।

ଆଠମଲ୍ଲିକ ବ୍ଲକ ସାପଘରା ପଞ୍ଚାୟତ ଡୁମୁରସିଙ୍ଗାଠାରୁ ଖମାର ଭାୟା ପାଇକସାହି ରାସ୍ତାର ଉନ୍ନତୀକରଣ ପାଇଁ ବୁଧବାର ଭୂମିପୂଜା କରାଯାଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ୩ କୋଟି ୧୮ ଲକ୍ଷ ୬୭ ହଜାର ୭୨୯ ଟଙ୍କା ବ୍ୟୟରେ ୫.୫ କିମି ରାସ୍ତା ଉନ୍ନତୀକରଣ କରାଯିବ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟଅତିଥି ଭାବେ ଯୋଗଦେଇ ଭୂମିପୂଜା କରିଥିଲେ। ସେହିପରି ପୁରୁଣାକୋଟ ଥାନା ଟାଇଁସି ଗ୍ରାମଠାରେ ଟାଇଁସିରୁ କଦଳୀବେରଣୀ ପୂର୍ତ୍ତବିଭାଗ ରାସ୍ତା ଉନ୍ନତୀକରଣ ନିମନ୍ତେ ବିଧାୟକ ସାଏ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ୧୧.୮ କିମି ରାସ୍ତା ଉନ୍ନତୀକରଣ ପାଇଁ ୩ କୋଟି ୬୫ ଲକ୍ଷ ୭୭ ହଜାର ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି କାର୍ଯ୍ୟକ୍ରମରେ ସାପଘରା ସରପଞ୍ଚ ମିନତୀ ସାହୁ, ଆମ୍ବଶରମୁଣ୍ଡା ସରପଞ୍ଚ ମହେଶ୍ୱର ଦେହୁରୀ, ଜିଲା ପରିଷଦ ସଦସ୍ୟା ବୈଜୟନ୍ତୀ ଦେହୁରୀ, ବ୍ଲକ ଅଧକ୍ଷା ମିନାକ୍ଷୀ ଦଳେଇ, ପୂର୍ବତନ ଜିଲା ପରିଷଦ ସଦସ୍ୟ ନୀରଜକାନ୍ତ ସାହୁ, ପୂର୍ତ୍ତ ବିଭାଗ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ବିନୟ କୁମାର ପାଢ଼ୀ, ପୂର୍ତ୍ତ ବିଭାଗର ଏକ୍‌ଜ୍ୟୁକିଟିଭ ଇଞ୍ଜିନିୟର ସୁଧାଂଶୁ ରଞ୍ଜନ ନାଏକ, ପୂର୍ବତନ ବ୍ଲକ ଚେୟାରମ୍ୟାନ ନବକୃଷ୍ଣ ବିଶୋଇ, କୈଳାସ ସାହୁ, ବାବୁ ପଟ୍ଟନାୟକ, ବଳଭଦ୍ର ପ୍ରଧାନ, ସମିତି ସଭ୍ୟା ଦମୟନ୍ତୀ ସାହୁ, ପଦ୍ମଚରଣ ପ୍ରଧାନ, ଉମାକାନ୍ତ ସାହୁ, ଟାଇଁସି ସରପଞ୍ଚ ବେଦବ୍ୟାସ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ବେହେରା, ଉମେଶ ଚନ୍ଦ୍ର ଦେହୁରୀ, ଦେବରାଜ ସାହୁ, ମାନସ ସାହୁ, ଟାଇଁସି ସଭାପତି ଉମାକାନ୍ତ ସାହୁ, ଲୋଚନ ସାହୁ, ବିକାଶ ସାହୁ, ଦୁଷ୍ମନ୍ତ କୁମାର ସାମଲ, କ୍ଷୀରୋଦ ବଘାରଙ୍କ ସମେତ ବିଧାୟକଙ୍କ ପ୍ରତିନିଧିମାନେ ମଧ ଯୋଗଦେଇଥିଲେ।

## ସର୍ବଭାରତୀୟ ବିଜ୍ଞାନମେଳାରେ ସୋନାଲିଙ୍କ ସଫଳତା

ଅନୁଗୋଳ ଅଫିସ, ୧୧।୧୨

ଅନୁଗୋଳ ଗାନ୍ଧିମାର୍ଗ ସ୍ଥିତ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ସୋନାଲି ମିଶ୍ର ସର୍ବଭାରତୀୟସ୍ତରୀୟ ବିଜ୍ଞାନ ମେଳାରେ ସଫଳତା ହାସଲ କରିଛନ୍ତି। ଉତ୍ତରପ୍ରଦେଶର କାନପୁରଠାରେ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ବିଜ୍ଞାନ ମେଳାରେ ସୋନାଲି ପରିବେଶ ପ୍ରଦୂଷଣ ଆଧାରିତ ପ୍ରକଳ୍ପ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଛାତ୍ର ଶକ୍ତି ପ୍ରସାଦ ସାହୁ, ଛାତ୍ରୀ ଚିନ୍ମୟ ସ୍ୱାଇଁ ନିଜର ପ୍ରକଳ୍ପ ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି। ସଫଳତାକୁ ନେଇ ମହାବିଦ୍ୟାଳୟ ଅଧକ୍ଷ ସୁରଥ କୁମାର ପାଢ଼ୀ, ସମ୍ପାଦକ ବିଜୟ କୁମାର ମୋଦି, ସଂଯୋଜକ କିଶୋର କୁମାର ପଣ୍ଡା, ଗିରିଜା ଶଙ୍କର ନନ୍ଦ, ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ କୁମାର ପ୍ରଧାନଙ୍କ ସମେତ ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ରଥ ତଥା ଅଧାପିକା, ଅଧାପକମାନେ ଶୁଭେଚ୍ଛା ଜଣାଇଛନ୍ତି। ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟା ବିଷ୍ଣୁପ୍ରିୟା ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ କାନପୁର ଯାତ୍ରା କରିଥିଲେ।

FORM NO. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A. NO. 529 OF 2019**

**Chief Manager, Corporation Bank, Bhubaneswar Main Branch** ...Applicant
Versus
**M/s. Ratan Filling Station** ...Defendant[s]
To
**D-3) Mrs. Manoranjan Devi,** W/o- Sri Nalini Kishore Panda, At Plot No.: 2169 (P), Kedar Gouri Road, Bhubaneswar-751002

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 529 of 2019** in the Court of the Debts of Recovery Tribunal, Cuttack for recovery of **Rs.5,72,14,696.09** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorized agent, in support of their defense to show cause within **30 days** from the date of publication or on **31.01.2020 at 10.30 am** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand and seal of this Tribunal on this **10th day of Dec. 2019.**

**Sd/- (Manoj Kumar Patnaik)**
**REGISTRAR**




## ଆଜି କଂସରା ଯାତ୍ରା

# ବାଘ ପାଇଁ ବଢ଼ାଯାଏ ପୁଞ୍ଜି



ବଅଁରପାଳ/ବନ୍ତଳା, ୧୧।୧୨ (ଡି.ଏନ୍.ଏ)

ବଅଁରପାଳ ବ୍ଲକ ମହୀଧରପୁରଠାରୁ ଅଳ୍ପ ଦୂରରେ ଥିବା କଂସରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' ବିଞ୍ଝେଶ୍ୱରୀଙ୍କ ବାର୍ଷିକ ଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏହା କଂସରା ଯାତ୍ରା ଭାବେ ପରିଚିତ। ପ୍ରତିବର୍ଷ ମାର୍ଗଶୀର ମାସ ଶେଷ ଗୁରୁବାରରେ ଏହି ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହା ଗାଁର ମୁଖ୍ୟ ପର୍ବ ହୋଇଥିବାବେଳେ ଏଥିପାଇଁ ସମଗ୍ର ଗ୍ରାମ ଚଳଚଞ୍ଚଳ ହୋଇପଡିଛି। ପୂଜାକୁ ଆଡମ୍ବର ସହକାରେ ପାଳିବାକୁ ସମସ୍ତ ପ୍ରସ୍ତୁତି ହୋଇଛି। ପୂର୍ବ ପରମ୍ପରା ଅନୁଯାୟୀ ପୂଜା ଅନୁଷ୍ଠିତ ହୋଇଥାଏ।

ଗ୍ରାମର ବୟୋଜ୍ୟେଷ୍ଠଙ୍କ କହିବା ଅନୁଯାୟୀ, ପ୍ରାୟ ୩ ଶହ ବର୍ଷ ପୂର୍ବରୁ ବିଞ୍ଝେଶ୍ୱରୀ ପାହାଡ ପାଦଦେଶରେ ମା' ପୂଜା ପାଇଆସୁଛନ୍ତି। ଯାତ୍ରାଦିନ ଦିଅଁଘରୁ ବାଦ୍ୟ ବାଜଣା ସହକାରେ ଠାକୁରାଣୀଙ୍କ ଆଲମକୁ ଯାତ୍ରା ପୀଠକୁ ଅଣାଯାଇଥାଏ। ପରେ ମାଜଣା ପର୍ବ ସହ ଦେବୀଙ୍କ ବଡ଼ ପୂଜା ସମ୍ପନ୍ନ ହୋଇଥାଏ। ତେବେ ପୂଜା ସମୟରେ ଠାକୁରାଣୀଙ୍କ ନାମରେ ଯେଉଁ ପୁଞ୍ଜି ବଢ଼ାଯାଇଥାଏ ସେଥିରୁ ଗୋଟିଏ ପୁଞ୍ଜି ବାଘ ପାଇଁ ଛଡ଼ାଯାଇଥାଏ। ସନ୍ଧ୍ୟାରେ ବାଘ ପୀଠସ୍ଥଳକୁ ଆସି ପୁଞ୍ଜି ଖାଇଥାଏ ବୋଲି ଗ୍ରାମବାସୀଙ୍କ ବିଶ୍ୱାସ ରହିଛି। ତେଣୁ ବାଘ ଭୟରେ ସୂର୍ଯ୍ୟାସ୍ତ ପରେ ଯାତ୍ରାସ୍ଥଳ ଶୂନଶାନ ହୋଇଯାଇଥାଏ। ଅପରାହ୍ନ ୪ ଟା ସୁଦ୍ଧା ଯାତ୍ରାକୁ ଶେଷ କରାଯାଇଥାଏ। ପୂଜା ଦେଖିବାକୁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକଙ୍କ ସମାଗମ ହୋଇଥାଏ। ଏଥିରେ ବିଭିନ୍ନ ପ୍ରକାରର ଦୋକାନ ବଜାର ମଧ ବସିଥାଏ। ଏ ସମ୍ପର୍କରେ ଗ୍ରାମର ବିଦ୍ୟାଧର ସାମଲ, ଅଭୟ ସାମଲ ପ୍ରମୁଖ କୁହନ୍ତି, କେଉଁ ଆବାହନ କାଳରୁ ଦେବୀ ଏଠାରେ ପୂଜା ପାଇ ଆସୁଛନ୍ତି। ଯାତ୍ରା ଧୁମ୍‌ଧାମ ଭାବେ ପାଳନ କରାଯାଇଥାଏ। ଚଳିତ ବର୍ଷ ଦଣ୍ଡନୃତ୍ୟ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ତେବେ ଯାତ୍ରା ଦିନ ସନ୍ଧ୍ୟାରେ ବାଘ ଆସି ପୁଞ୍ଜି ଖାଉଥିବାର ବିଶ୍ୱାସ ରହିଥିବାରୁ ସନ୍ଧ୍ୟା ପୂର୍ବରୁ ଯାତ୍ରା ସମାପ୍ତ ହୋଇଥାଏ।

**ସୂର୍ଯ୍ୟାସ୍ତ ପରେ ଯାତ୍ରାସ୍ଥଳ ହୋଇଯାଏ ଶୂନଶାନ**



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣିହାଁ

ପତ୍ର ସଂଖ୍ୟା: ୩୧୬୩
ତା୧୧।୧୨।୨୦୧୯

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷର (୧ ଅପ୍ରେଲ, ୨୦୧୯ ଠାରୁ ୩୦ ସେପ୍ଟେମ୍ବର, ୨୦୧୯) ପର୍ଯ୍ୟନ୍ତ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (Mahatma Gandhi NREGA) ଓ National Social Assitance Programme (NSAP)ର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ଅନୁଷ୍ଠିତ ହେବ। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ପଞ୍ଚାୟତ ସମିତି, ଗ୍ରାମ ପଞ୍ଚାୟତ, ଲାଇନ ବିଭାଗଗୁଡ଼ିକ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସାମାଜିକ ସମୀକ୍ଷା କରାଯିବ। ଉକ୍ତ ଭାଗରେ ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ଲୋକପ୍ରତିନିଧି ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିବେ। ପଞ୍ଚାୟତର ସମସ୍ତ ଜବ୍‌କାର୍ଡ଼ଧାରୀ, ଭତ୍ତା ହିତାଧିକାରୀ, ଶ୍ରମିକ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଜନସାଧାରଣ ଉପସ୍ଥିତ ରହି ପ୍ରକଳ୍ପ ସମ୍ବନ୍ଧୀୟ ସମସ୍ତ କାଗଜପତ୍ର ଯାଞ୍ଚ ଓ ସାମାଜିକ ସମୀକ୍ଷାରେ ସହଯୋଗ କରିବା ପାଇଁ ଅନୁରୋଧ।

| କ୍ରମିକ ନମ୍ବର | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ ଓ କାର୍ଯ୍ୟ ପରିଦର୍ଶନ) MGNREGA | ସାମାଜିକ ସମୀକ୍ଷା ବ୍ୟବଧାନ (ନଥିପତ୍ର ତଦାରଖ) NSAP | ଗ୍ରାମପଞ୍ଚାୟତ ସ୍ତରରେ ଜନଶୁଣାଣି ବା ସାମାଜିକ ସମୀକ୍ଷା | ସ୍ଥାନ |
|---|---|---|---|---|---|
| ୧ | ଅରୁକିଳ, କର୍ଣ୍ଣପାଳ, କୁଲୁମା, ବଜ୍ରକୋଟ, ବିଜିଗୋଳ, କୁଲେଇ, ତାଳପଦା, ବଡ଼ତ୍ରିବିଡ଼ା, ଡେରେଙ୍ଗ | ତା୧୮।୧୨।୨୦୧୯ରିଖଠାରୁ ତା୨୧।୧୨।୨୦୧୯ରିଖ | ତା୨୨।୧୨।୨୦୧୯ରିଖଠାରୁ ତା୨୮।୧୨।୨୦୧୯ରିଖ | ତା୨୮।୧୨।୨୦୧୯ ସକାଳ ୧୦.୦୦ ଘଟିକା | ଗ୍ରା.ପ. କାର୍ଯ୍ୟାଳୟ |
| ୨ | ଶୁଶୁବା, ବୁରୁକୁନା, ହନୁମାନପୁର, ବାଲିପଶି, ବଡ଼ଗୁଣ୍ଡରି, ସାନତ୍ରିବିଡ଼ା, କଣିହାଁ, ହରିହରପୁର, ବିରୁ | ତା୦୩।୦୧।୨୦୨୦ରିଖଠାରୁ ତା୦୬।୦୧।୨୦୨୦ରିଖ | ତା୦୭।୦୧।୨୦୨୦ରିଖଠାରୁ ତା୧୩।୦୧।୨୦୨୦ରିଖ | ତା୧୩।୦୧।୨୦୨୦ ସକାଳ ୧୦.୦୦ ଘଟିକା | ଗ୍ରା.ପ. କାର୍ଯ୍ୟାଳୟ |
| ୩ | ଗଣ୍ଡମାଳା, ପରାବିଲ, ଦଳକ, ରେଙ୍ଗାଲି, କାକୁଡ଼ିଆ, କମରେଇ, ସମଲ, ଗଦାଶିଳା, ଜରଡ଼ା | ତା୧୮।୦୧।୨୦୨୦ରିଖଠାରୁ ତା୨୧।୦୧।୨୦୨୦ରିଖ | ତା୨୨।୦୧।୨୦୨୦ରିଖଠାରୁ ତା୨୮।୦୧।୨୦୨୦ରିଖ | ତା୨୮।୦୧।୨୦୨୦ ସକାଳ ୧୦.୦୦ ଘଟିକା | ଗ୍ରା.ପ. କାର୍ଯ୍ୟାଳୟ |

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, କଣିହାଁ









## ସଂକ୍ଷେପରେ

### ୧୨ରୁ ରାଜ୍ୟସ୍ତରୀୟ ଜୁନିୟର କବାଡ଼ି ଚାମ୍ପିୟନଶିପ୍

ତାଳଚେର,୧୧।୧୨(ନି.ପ୍ର.)- ଏନ୍‌ଟିପିସି ପରିଚାଳନାଧୀନ ତାଳଚେର ଥର୍ମାଲ ପକ୍ଷରୁ ଆସନ୍ତା ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ତାଳଚେର ଥର୍ମାଲସ୍ଥିତ ଶକ୍ତି ଷ୍ଟାଡ଼ିୟମଠାରେ ୪୬ତମ ରାଜ୍ୟସ୍ତରୀୟ ଜୁନିୟର କବାଡ଼ି ଚାମ୍ପିୟନଶିପ୍-୨୦୧୯ (ଉଭୟ ବାଳକ ଓ ବାଳିକା)ମାନଙ୍କ ପାଇଁ ଅନୁଷ୍ଠିତ ହେବ। ଓଡ଼ିଶା କବାଡ଼ି ଆସୋସିଏଶନ ଓ ଅନୁଗୋଳ ଜିଲା ଆଥେଲେଟିକ୍ ଆସୋସିଏଶନର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାରେ ସାରା ରାଜ୍ୟରୁ ୫ଶହରୁ ଊର୍ଦ୍ଧ୍ୱ ଖେଳାଳି, ସେମାନଙ୍କ କୋଚ୍ ଓ ଅଧିକାରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି କ୍ରୀଡ଼ା ସ୍ଥାନୀୟ ବାଳିକା ବାଳିକମାନଙ୍କୁ ଆକୃଷ୍ଟ ଏବଂ ପ୍ରେରିତ କରିବ ବୋଲି ତାଳଚେର ଥର୍ମାଲ କର୍ତ୍ତୃପକ୍ଷ ଆଶାବ୍ୟକ୍ତ କରିଛନ୍ତି।

### ପୋଡ଼ାଗଲା ୪ ଶହ ଗଞ୍ଜେଇ ଗଛ



ବଇଣ୍ଡା, ୧୧।୧୨(ଡି.ଏନ.ଏ.)- ଠାକୁରଗଡ ଥାନା ପେଡିପଥର ପଞ୍ଚାୟତ ଅଚ୍ୟୁତାପୁର ଓ ଦାଦର ନାଳ ନିକଟରେ ଥିବା ଦୁଇଟି ସରକାରୀ ଜାଗାରେ ଲାଗିଥିବା ପ୍ରାୟ ୪ ଶହ ଗଞ୍ଜେଇ ଗଛକୁ ବୁଧବାର ଆଠମଲ୍ଲିକ ଅବକାରୀ ବିଭାଗ, ଧଣ୍ଡାତୋପା ବନ ବିଭାଗ, ଠାକୁରଗଡ ଥାନା ପୋଲିସ ମିଳିତ ଭାବେ ଚଢ଼ାଉ କରି କାଟି ପୋଡିଦେଇଛନ୍ତି। ଏହାର ମୂଲ୍ୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅଞ୍ଚଳରେ ସରକାରୀ ଜମିରେ ଗଞ୍ଜେଇ ଚାଷ ହୋଇଥିବା ସମ୍ପର୍କରେ ଅନୁଗୋଳ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା।

### ଶିଶୁମନ୍ଦିରରେ ଗୀତା ଜୟନ୍ତୀ

ପବିତ୍ରନଗର, ୧୧।୧୨(ଡି.ଏନ.ଏ.)- କଣିହାଁ ବ୍ଲକ ପବିତ୍ରନଗର ସରସ୍ୱତୀ ଶିଶୁମନ୍ଦିରରେ ମଙ୍ଗଳବାର ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ନିତାଇ ଗୌର ଆଶ୍ରମର ମୁଖ୍ୟ ସାଧୁ ପ୍ରଭୁପାଦ ଦାସ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ଗୀତା ଗ୍ରନ୍ଥ ଉପରେ ପ୍ରବଚନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁମା ସସ୍ମିତା ସାହୁ ଅଧକ୍ଷତା କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ପାଠ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

■ଅଣନିଃଶ୍ୱାସୀ ହେଲେଣି ଅନୁଗୋଳ ଜମିମାଲିକ

# ବନ୍ଦୀମୁକ୍ତ ହେଉ ଚକ ଜମି

(ଦୀନେଶ ଦେହୁରୀ)
ବନ୍ତଲା,୧୧।୧୨

■ପଟ୍ଟା ଥାଇ ବି ହୋଇପାରୁନି କିଣାବିକା
■ଅନୁମତି ପାଇଁ ଯିବାକୁ ପଡୁଛି ସମ୍ବଲପୁର
■୩୮ ବର୍ଷର ପରୀକ୍ଷା ନିରୀକ୍ଷାକୁ ବିରୋଧ

ୱାର୍ଲଡ ବ୍ୟାଙ୍କ ସହାୟତାରେ ଓଡ଼ିଶା ସରକାରଙ୍କ ଦ୍ୱାରା ୧୯୮୧-୮୨ରେ ଅବିଭକ୍ତ ଢେଙ୍କାନାଳ ତଥା ବର୍ତ୍ତମାନର ଅନୁଗୋଳ ଜିଲାର ୯୨ଟି ଗ୍ରାମର ଜମିକୁ ପରୀକ୍ଷାମୂଳକ ଭାବେ ଚକବନ୍ଦୀ କରାଯାଇଥିଲା। କିନ୍ତୁ ଉକ୍ତ ପରୀକ୍ଷାନିରୀକ୍ଷା ଏବେ ସମ୍ପୃକ୍ତ ଗ୍ରାମର ଜମି ମାଲିକଙ୍କୁ ଅଣନିଃଶ୍ୱାସୀ କରିଦେଲାଣି। କାରଣ ଚକବନ୍ଦୀ ଜମିର ପଟ୍ଟା ରଖିଥିଲେ ବି ଅନେକ ପ୍ରକୃତ ମାଲିକ ଜମି ଦଖଲରେ ନାହାନ୍ତି। ଫଳରେ ବିଭିନ୍ନ ପ୍ରମାଣପତ୍ରଠାରୁ ଆରମ୍ଭ କରି ଜମି ପାସ୍‌ବୁକ୍ ପର୍ଯ୍ୟନ୍ତ ସେମାନେ ଉତ୍ତରାଧିକାରୀ ସୂତ୍ରରେ କିଛି ବି ପାଇପାରୁ ନାହାନ୍ତି। ଏପରି କି ସେମାନେ ଆବଶ୍ୟକସ୍ଥଳେ ଚକବନ୍ଦୀ ଜମିର କିଣାବିକା ମଧ୍ୟ କରିପାରୁ ନାହାନ୍ତି। ଚକବନ୍ଦୀ ଜମି ସମ୍ପର୍କିତ ଚୂଡ଼ାନ୍ତ ନିଷ୍ପତ୍ତି କାର୍ଯ୍ୟକାରୀ କରିବାକୁ ସମ୍ବଲପୁରରେ ଥିବା ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅନୁମତି ଆବଶ୍ୟକ ପଡୁଥିବାରୁ ଜମି ମାଲିକଙ୍କ ପାଇଁ ଏହା ବଡ଼ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ବାରମ୍ବାର ସମ୍ବଲପୁର ଯିବା ଓ ବର୍ଷ ବର୍ଷର ପ୍ରତୀକ୍ଷା ଆଉ ସମ୍ଭବ ହେଉ ନ ଥିବାରୁ ଜିଲାର ଉକ୍ତ ୯୨ ଗ୍ରାମରୁ ଚକବନ୍ଦୀ ବ୍ୟବସ୍ଥା ଉଠାଇ ଦେବାକୁ ଜୋରଦାର ଦାବି ହେଉଛି।

ପ୍ରକାଶ ଯେ, ସ୍ୱାଧୀନତା ପୂର୍ବରୁ ଅର୍ଥାତ୍ ୧୯୨୭ରେ ପ୍ରଥମ କରି ବନ୍ଦୋବସ୍ତ (ସେଟଲମେଣ୍ଟ) ବ୍ୟବସ୍ଥା ହୋଇଥିଲା। ୧୯୬୩-୬୪ରେ ଏହାକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରାଗଲା। ୧୯୭୨-୭୩ରେ ପୁନର୍ବାର ବନ୍ଦୋବସ୍ତ କାର୍ଯ୍ୟକ୍ରମ ଆରମ୍ଭ ହୋଇ ୧୯୮୧-୮୨ରେ କାର୍ଯ୍ୟକାରୀ ହେଲା। ସେହି ସମୟରେ ଅବିଭକ୍ତ ଢେଙ୍କାନାଳ ଜିଲା ଅଧୀନରେ ଥିବା ଅନୁଗୋଳ ସବ୍‌ଡିଭିଜନର ଅନୁଗୋଳ, ବନ୍ତଲା, ବଅଁରପାଳ, ନାଲ୍‌କୋନଗର ଥାନା ଅଧୀନ ୯୨ଟି ଗ୍ରାମକୁ ପରୀକ୍ଷାମୂଳକ ଭାବରେ ଚକବନ୍ଦୀ ଉଦ୍ଦେଶ୍ୟରେ ବନ୍ଦୋବସ୍ତ କରାଯାଇଥିଲା। ତଇଲା କିସମ ଜମିକୁ ଅଲଗା କରି ଓ ଘରଡ଼ିହ, ବଗିଚା, ଆଖୁ ବାଡ଼ିକୁ ଛାଡି ବାକି ଜମିକୁ ଚକବନ୍ଦୀରେ ଅନ୍ତର୍ଭୁକ୍ତ କରାଗଲା। ଏହି ବ୍ୟବସ୍ଥା ଅନୁଯାୟୀ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଥିବା କେତେଜଣଙ୍କ ଛୋଟ ଛୋଟ ଜମିକୁ ମୂଲ୍ୟାଙ୍କନ କରି ସେଠାରେ ଥିବା ଜଣ ଜଣଙ୍କ ବଡ଼ ଜମି ସହ ମିଶାଇ ଚକ କଟାଗଲା। ଯଦି କୌଣସି ଜମି ମାଲିକ ଚକ ଜମି ବିକ୍ରି କରିବାକୁ ଚାହିଁବେ ପ୍ରଥମେ ସେ ଚକକୁ ଲାଗିକରି ଥିବା ଅନ୍ୟ ମାଲିକଙ୍କୁ ବିକ୍ରି କରିବେ ତାହା ପୁଣି ଅନୁମତି ଆଣିବା ପରେ ବୋଲି ବ୍ୟବସ୍ଥା ରହିଲା। ଏହି ଚକବନ୍ଦୀ ଲାଗୁ ହେବା ପରଠାରୁ ପୋକତୁଙ୍ଗା, ମାଣପୁର, ଶଙ୍ଖପୁର, ଧୋକୁଟା, ଗୋପାଳପୁର, କହ୍ନେଇନଗର, ପାଣଗୋବିନ୍ଦପୁର, ନନ୍ଦପୁର, ମଧୁପୁର, ମାଧପୁର, ବ୍ରହ୍ମପୁର, ରାମଚନ୍ଦ୍ରପୁର, ମଦନମୋହନ ପାଟଣା, ଗଉଡ଼ସାହି, ଚମ୍ପତିମୁଣ୍ଡା, ଗୁରଙ୍ଗ, ରଗୁଡ଼ିଆପଡା, ଡୁମୁଣି, ବଡ଼କେରା, ପାଞ୍ଜିଆ ସାହି, ଦଳବେହେରା ସାହି, ବଡ଼କେରା ଶାସନ, ଗୋପୀନାଥପୁର, ସୋରିଷପାଳ, ଗୋଡ଼ିବନ୍ଧ, କୁମୁରି ସିଙ୍ଗା, ବାଲୁଅ କଟା, ପାତେଳି, ସାନ କଞ୍ଜନି ଜଙ୍ଗଲ ଫୁଲପାଳ, ପାଣିଓଳା, ମୁଣ୍ଡା ବେରେଣି, କୁସୁପଙ୍ଗା ଆଦି ୯୨ ଟି ଚକବନ୍ଦୀ ମୌଜାବାସୀ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। ନନ୍ଦପୁରର ତ୍ରିନାଥ ସାହୁ, ମଧୁପୁରର ନିରଞ୍ଜନ ଦେହୁରୀ, ପୋକତୁଙ୍ଗାର ଦୀନେଶ ଦେହୁରୀ, ଯତୀନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ପୂର୍ଣ୍ଣ ସାମଲ, ଶଙ୍ଖପୁରର ନରେଶ ଦେହୁରୀ, ବିନୋଦ ଦେହୁରୀ, ମନୋଜ ପ୍ରଧାନ, ଅଭୟ ସାହୁ, କଞ୍ଜନିର ଦୁର୍ଗା ପ୍ରଧାନ, କୁମୁରିସିଙ୍ଗାର ପ୍ରକାଶ ପ୍ରଧାନ, ବାବୁଲି ଦେହୁରୀ, ଦୁର୍ଯ୍ୟୋଧନ ସାହୁ, ପ୍ରଭାତ ପ୍ରଧାନ, ବାଲୁଅକଟାର ଭାସ୍କର ଦେହୁରୀ, ସୁଦାମ ଦେହୁରୀ ପ୍ରମୁଖ କହିଛନ୍ତି ଯେ, ଚକବନ୍ଦୀ ଜମି ବିକ୍ରି, ସ୍ୱତନ୍ତ୍ର ଖତିୟାନ, ଜମି ଚିହ୍ନଟ, ରାଜସ୍ୱ, ଓଗେର ନ ଦେଲେ ବାସିନ୍ଦା, ଜାତି, ଆୟ, ଉତ୍ତରାଧିକାରୀ ପ୍ରମାଣପତ୍ର, ଜମି ପାସ୍‌ବୁକରୁ ପ୍ରଜାଙ୍କୁ ବଞ୍ଚିତ ହେବାକୁ ପଡୁଛି। ଏଥିସହିତ ଚକ ଜମିର ରେଟ୍ କମ୍ ଥିବାବେଳେ ଚକ ହୋଇ ନ ଥିବା ପଡ଼ୋଶୀ ଅଞ୍ଚଳର ଜମି ମୂଲ୍ୟ ଅଧିକ ରହୁଛି। ଫଳରେ ଭୂ-ଅର୍ଜନ ସମୟରେ ଚକ ଜମି ମାଲିକଙ୍କୁ ପ୍ରକୃତ ମୂଲ୍ୟ ବା କ୍ଷତିପୂରଣ ମିଳିପାରୁନାହିଁ। ସେହିପରି ଚକବନ୍ଦୀ ଅନୁଯାୟୀ ପ୍ରକୃତ ମାଲିକ ଦଖଲରେ ନ ଥିବାରୁ ଦଖଲ ପ୍ରମାଣପତ୍ର ତାଙ୍କୁ ମିଳିପାରୁ ନାହିଁ। ତେଣୁ ଆବଶ୍ୟକସ୍ଥଳେ ଚକ ଜମି ବିକିବା ସମ୍ଭବ ହେଉ ନାହିଁ କି କିସମ ମଧ୍ୟ ପରିବର୍ତ୍ତନ ହୋଇପାରୁ ନାହିଁ। ଏବେ ସୁବିଧା ଦୃଷ୍ଟିରୁ ଲୋକେ ରାସ୍ତା ପାର୍ଶ୍ୱର ଜମି ଓ ତାଇଳାକୁ ଘରଡ଼ିହ ରୂପେ ବ୍ୟବହାର କରିବା ସହ ଜରୁରୀ ସମୟରେ ସେମାନେ ମୌଖିକ ଭାବେ ଓ ସାଦା କାଗଜପତ୍ରରେ ଜମି ଖରିଦ ବିକ୍ରି କରୁଛନ୍ତି। ଏପରି ଭାବେ ଜମି କିଣାବିକାକୁ ନେଇ ପରବର୍ତ୍ତୀ ସମୟରେ ଉତ୍ତରାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜମିଜମା ବିବାଦ, ମାମଲା ବଢୁଛି। ତେଣୁ ସମ୍ପୃକ୍ତ ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ଚକବନ୍ଦୀ ବ୍ୟବସ୍ଥା ତୁରନ୍ତ ଉଠାଯାଉ ବୋଲି ଉପରୋକ୍ତ ଅଞ୍ଚଳର ଜମି ମାଲିକମାନେ ଦାବି କରିଛନ୍ତି।

ଏ ସମ୍ପର୍କରେ ଜିଲା ରାଜସ୍ୱ ଅଧିକାରୀ ତଥା ଆସିଷ୍ଟାଣ୍ଟ କଲେକ୍ଟର ଇସାନି ପଣ୍ଡା କୁହନ୍ତି, ଚକବନ୍ଦୀ ସମ୍ପର୍କିତ ଅଭିଯୋଗକୁ କମିଶନ ବୋର୍ଡ କଟକକୁ ପଠାଇ ଦିଆଯାଇଛି। ଏଥିସହିତ ସ୍ଥାନୀୟ ତହସିଲଦାରମାନଙ୍କୁ ମଧ୍ୟ ଚିଠି କରାଯାଇଛି। ଅନୁଗୋଳ ତହସିଲଦାର ନେହୁରୁ ମାଝି କୁହନ୍ତି, ନୂତନ ଭାବେ କାର୍ଯ୍ୟରେ ଯୋଗ ଦେଇଛି। ସମସ୍ୟା ବୁଝି ବା ତର୍ଜମା କରିବା ପରେ ଯାହା କିଛି କହିପାରିବି।

## ଉଦ୍ୟୋଗୀ ତ୍ରିନାଥ ଲେଙ୍କାଙ୍କୁ ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡ

ବଅଁରପାଳ, ୧୧।୧୨(ଡି.ଏନ.ଏ.)

ୱେଲ୍‌ଥ ମ୍ୟାନେଜମେଣ୍ଟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଯୁବ ଉଦ୍ୟୋଗୀ ତ୍ରିନାଥ ଲେଙ୍କାଙ୍କୁ ଓଡ଼ିଶା ଏକ୍ସିଲେନ୍ସ ଆୱାର୍ଡ ପ୍ରଦାନ କରାଯାଇଛି। ରାଜ୍ୟପାଳ ଗଣେଶୀ ଲାଲ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଦୀର୍ଘ ଦିନ ଧରି କର୍ପୋରେଟ ସେକ୍ଟରରେ କାମ କରି ନିଜ ଦକ୍ଷତା ପ୍ରତିପାଦନ କରିବା ପରେ ଆର୍ଥିକ କ୍ଷେତ୍ରରେ ସଚେତନତା କାର୍ଯ୍ୟକ୍ରମ କରିବାର ଉଦ୍ୟମ କରିଛନ୍ତି। ଫଳରେ ୱାଲେଟ ଫର ୱେଲଥ୍ ନାମରେ ଏକ ସଂସ୍ଥା ଦ୍ୱାରା ସେ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ସୁଚିନ୍ତିତ ପରାମର୍ଶ ପାଇ ଅନେକ ମଧ୍ୟ ନିଜ ଆର୍ଥିକ ପରିଚାଳନା ଠିକ ଢଙ୍ଗରେ କରିପାରୁଛନ୍ତି। ଏଥିପାଇଁ ଏହି ସଂସ୍ଥା ଓଡ଼ିଶାରେ ବେଶ ପ୍ରତିଷ୍ଠିତ ହୋଇ ପାରିଛି। ତାଙ୍କର ଏହି ପ୍ରଚେଷ୍ଟା ଯୋଗୁ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ସେ ସମ୍ମାନିତ ହୋଇଥିବା ଅତିଥିମାନେ ପ୍ରକାଶ କରିଥିଲେ। ଏହି ଆୱାର୍ଡ ତାଙ୍କୁ ରାଜ୍ୟବାସୀଙ୍କ ପାଇଁ କାମ କରିବାରେ ଅଧିକ ପ୍ରେରଣା ଯୋଗାଇବ ବୋଲି ଲେଙ୍କା କହିଛନ୍ତି।



ରାଜ୍ୟପାଳଙ୍କଠାରୁ ତ୍ରିନାଥ ଲେଙ୍କା ପୁରସ୍କାର ଗ୍ରହଣ କରୁଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଅଁଳକହୀ ରାଧା;**
**ଘରକୁ ଗଲେ କଥା ନ କୁହନ୍ତି,**
**ବାଟରେ ବଡ଼ ଶରଧା ।**

ଉପରଠାଉରିଆ ଶ୍ରଦ୍ଧା ଓ ସରାଗ। ବାଟରେ ଘାଟରେ ଦେଖିଲେ କଥାବାର୍ତ୍ତାରୁ ଜଣାପଡ଼େ ସତରେ ଯେମିତି ଗୋଟାପଣେ ନିଜର। ନ ଦେଖିଲେ ଭାତ ରୁଚେନି। କିନ୍ତୁ ଘରକୁ ଆସିଲେ ଆଡ଼ ଆଡ଼ ହୋଇ କଥା କହି, ନ ଜାଣିଲା ନ ଚିହ୍ନିଲା ଭଳି ବ୍ୟବହାର। ଛଳନା ଓ କପଟର ଇଏ ଏକ ରୂପ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାଚ କାଚ ମଣି ମଣି,**
**କ୍ରୟ ବିକ୍ରୟ କାଳେ ଜାଣି ।**

ଦୂରରୁ ଦେଖିଲେ କାଚ ଓ ମଣି ଭିତରେ ବିଶେଷ ଫରକ ଜଣାପଡ଼ି ନ ଥାଏ। ପରନ୍ତୁ କିଣାକିଣି କଲାବେଳେ କେଉଁଟା କାଚ ଓ କେଉଁଟା ମଣି ତାହା ସହଜରେ ଜାଣି ହୋଇ ଯାଇଥାଏ। ପରୋକ୍ଷରେ ମଣିଷ କେତେ ଗୁଣବନ୍ତ ଓ ପ୍ରତିଭାବନ୍ତ ତାହା ତା'ର କାର୍ଯ୍ୟଦକ୍ଷତାରୁ ହିଁ ଜଣାପଡ଼ିଯାଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଗୋରୁ ବ୍ୟବସାୟୀ-ପୋଲିସ ମୁହାଁମୁହିଁ

ଆନନ୍ଦପୁର/ସଜନାଗଡ଼, ୧୧।୧୨(ସ୍ୱ.ପ୍ର./ଡି.ଏନ.ଏ.)-

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧୀନ ଫକିରପୁର ହାଟରୁ ୨ଟି କଣ୍ଟେନରରେ ୭୭ ଗୋରୁ ବେଆଇନ ଭାବେ ଚାଲାଣ ହେଉଥିବା ଜାଣି ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ସେଠାରେ ବେପାରୀ ଓ ପୋଲିସ ମୁହାଁମୁହିଁ ହୋଇଥିଲେ। ଗୋରୁ ବେପାରୀମାନେ ବନ୍ଧୁକ ଦେଖାଇ ପୋଲିସକୁ ଭୟଭୀତ କରିବା ଉଦ୍ୟମ କରିଥିଲେ। ଏଭଳି ପରିସ୍ଥିତିରେ ପୋଲିସ ସେଠାରୁ ୪ଜଣଙ୍କୁ କାବୁ କରି ନେଇଥିଲା। ଅନ୍ୟ ୯ଜଣ ସେଠାରୁ ଖସି ପଳାଇଯାଇଥିଲେ। ୨ଟି କଣ୍ଟେନରରୁ ଉଦ୍ଧାର ହୋଇଥିବା ୭୭ଟି ଗୋରୁଙ୍କୁ ବୁଧବାର ବାଲେଶ୍ୱର ଜିଲା ନୀଳଗିରି ମା' ଭାରତୀ ଅଭୟାରଣ୍ୟ ଗୋଶାଳା ହେପାଜତରେ ଛଡ଼ା ଯାଇଛି। ଏନେଇ ଦଫା ୩୦୭, ୩୭୯, ୪୧୧, ୪୨୯, ୧୨୦(ବି), ୭/୧୧ ଏବଂ ଆର୍ମସ ଆକ୍ଟ ୨୫/୨୭ ଅନୁଯାୟୀ ଆନନ୍ଦପୁର ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଉଦ୍ଧାର ଗୋରୁଙ୍କ ଯତ୍ନ ନିଆଯାଇ ପରେ ସେମାନଙ୍କୁ ନୀଳଗିରି ଧୋବଶିଳା ସ୍ଥିତ ମା' ଭାରତୀ ଅଭୟାରଣ୍ୟ ଗୋଶାଳାକୁ ପଠାଇ ପୋଲିସ ଅନ୍ୟ ଫେରାର ଅଭିଯୁକ୍ତଙ୍କୁ ଧରିବା ସକାଶେ ଚଢ଼ାଉ ଜାରି ରଖିଛି। ମଙ୍ଗଳବାର ରାତିରେ ଧରାପଡ଼ି ଗିରଫ ହୋଇଥିବା ୪ ଅଭିଯୁକ୍ତ ହେଲେ ତାଜୁଦ୍ଦିନ ଖାନ୍, ରାଜୁ ଖାନ୍, ଏସ୍.କେ. ଆଶାନନ୍ ଏବଂ ତାଜୁ ଶାହା। ଅଭିଯୁକ୍ତଙ୍କ ଘର ଭଦ୍ରକ ଜିଲାରେ ବୋଲି ପୋଲିସ କହିଛି। ଏସମ୍ପର୍କରେ ଥାନା ଆଇଆଇସି ଗଗନ ବିଶ୍ୱାଲଙ୍କୁ ପଚାରିବାରୁ କହିଛନ୍ତି, ଗୋରୁଗାଡ଼ି ଜବତ ବେଳେ କେତେକ ବେପାରୀ ବନ୍ଧୁକ ଦେଖାଇ ଡରାଇବାକୁ ଚେଷ୍ଟା କରିଥିଲେ। ତେବେ କାହାଠାରୁ ବନ୍ଧୁକ ଜବତ ହୋଇନାହିଁ। ଫେରାର ଅଭିଯୁକ୍ତ ଧରିବାକୁ ଉଦ୍ୟମ କରାଯାଉଛି। ସେମାନଙ୍କ ପାଖରେ ପ୍ରକୃତ ବନ୍ଧୁକ ଥିଲା କି ନାହିଁ ସେନେଇ ତଦନ୍ତ ଜାରି ରହିଛି।



## ଶାରୀରିକ, ମାନସିକ ବିକାଶ କରିଥାଏ କ୍ରୀଡ଼ା



ବଇଣ୍ଡା, ୧୧।୧୨(ଡି.ଏନ.ଏ.)

କ୍ରୀଡ଼ା ସ୍ୱାସ୍ଥ୍ୟ ଠିକ୍ ରଖିବାରେ ବେଶ ସହାୟକ ହୋଇଥାଏ। ଶିଶୁମାନେ ପ୍ରତିଦିନ ଖେଳକୁଦ କରିବା ଦ୍ୱାରା ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ହୋଇଥାଏ ବୋଲି ବୁଧବାର ଆଠମଲ୍ଲିକ ବ୍ଲକ ଠାକୁରଗଡ ସରସ୍ୱତୀ ଶିଶୁମନ୍ଦିରର ସଙ୍କୁଳସ୍ତରୀୟ ଖେଳକୁଦ ସମାରୋହରେ ଯୋଗଦେଇ ସ୍ଥାନୀୟ ବିଧାୟକ ରମେଶ ଚନ୍ଦ୍ର ସାଏ ମତ ପ୍ରକାଶ କରିଛନ୍ତି। ପ୍ରଧାନଆଚାର୍ଯ୍ୟ ଅକ୍ଷୟ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ପ୍ରତିଯୋଗିତାରେ ସମ୍ମାନିତ ଅତିଥି ଭାବେ ଠାକୁରଗଡ ସରପଞ୍ଚ ପ୍ରତାପ କୁମାର ସାହୁ, ବିଦ୍ୟାଳୟର ସଭାପତି ସୁରେଶ ଚନ୍ଦ୍ର ସାହୁ, ସମ୍ପାଦକ ପ୍ରାଣବନ୍ଧୁ ସାହୁ, ବିଧାୟକଙ୍କ ପ୍ରତିନିଧି କ୍ଷୀରୋଦ ବଘାର, ବଇଣ୍ଡା ଶିଶୁମନ୍ଦିରର ପ୍ରଧାନ ଆଚାର୍ଯ୍ୟ ରବୀନ୍ଦ୍ରନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦୌଡ, ଗୋଳାଫିଙ୍ଗା, ଉଚ୍ଚ ଓ ଲମ୍ବ ଡିଆଁ, ଥାଳିଆ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଠାକୁରଗଡ ହାଇସ୍କୁଲର ଖେଳ ଶିକ୍ଷକ ଦିବାକର ପ୍ରଧାନ, ସାପଘରା ହାଇସ୍କୁଲ ଖେଳ ଶିକ୍ଷକ ନବ କୁମାର ବେହେରା ଖେଳ ପରିଚାଳନା କରିଥିଲେ।

## ପୁଅକୁ ବଞ୍ଚାଇବାକୁ ଯାଇ ଟ୍ରେନ୍‌ରେ କଟି ପିତାଙ୍କ ମୃତ୍ୟୁ

ଜଳେଶ୍ୱର,୧୧।୧୨(ସ୍ୱ.ପ୍ର.)-

ଘରେ ଝଗଡା କରି ଟ୍ରେନ୍ ଲାଇନ୍ ଆଡକୁ ଧାଇଁ ପଳାଉଥିବା ପୁଅକୁ ଫେରାଇ ଆଣିବା ସକାଶେ ପଛେ ପଛେ ଦୌଡି ଆସୁଥିବା ତାଙ୍କ ବାପା ଟ୍ରେନରେ କଟି ପ୍ରାଣ ହରାଇଛନ୍ତି। ତାଙ୍କ ପୁଅ ମଧ୍ୟ ରେଳ ଲାଇନ୍ ଉପରେ ପଡ଼ିଯିବାରୁ ତାଙ୍କର ଦୁଇ ଗୋଡ କଟିଯାଇଛି। ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜଳେଶ୍ୱର ଜିକେ ଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରାଯିବା ପରେ କଟକ ସ୍ଥାନାନ୍ତର କରାଯାଇଛି। ଏଭଳି ଏକ ଦୁଃଖଦ ଘଟଣା ବୁଧବାର ସକାଳେ ବାଲେଶ୍ୱର ଜିଲା ଜଳେଶ୍ୱରରେ ଘଟିଛି। ମୃତକ ହେଲେ ଏହି ଥାନା ଅନ୍ତର୍ଗତ ରାଜପୁର ଗାଁର ବାଚସ୍ପତି ସାହୁ (୬୨)। ରେଲୱେ ପୋଲିସ ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି।

ପରିବାର ସୂତ୍ରରୁ ଜଣାଯାଇଛି ଯେ, ବାଚସ୍ପତିଙ୍କର ଏକ ଦୋକାନ ଜଳେଶ୍ୱର ବଜାରରେ ରହିଛି। ଏଠାରୁ ୧ କି.ମି. ଦୂର ରାଜପୁର ଗାଁରେ ସେମାନେ ରହୁଛନ୍ତି। ପାରିବାରିକ ସମସ୍ୟାକୁ ନେଇ ବୁଧବାର ସକାଳେ ଘରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ମର୍ମାହତ ହୋଇ ବାଚସ୍ପତିଙ୍କ ବଡପୁଅ ରାଜେଶ ଘର ନିକଟରେ ଥିବା ରେଳ ଲାଇନ୍ ନିକଟକୁ ଦୌଡି ପଳାଇ ଯାଇଥିଲେ। ଏହା ଦେଖି ତାଙ୍କ ପିତା ପଛେପଛେ ଧାଇଁ ଯାଇଥିଲେ। ଏହି ସମୟରେ ଏକ ଟ୍ରେନ ଆସୁଥିବା ଦେଖି ସେ ନିଜ ପୁତ୍ରଙ୍କୁ ରକ୍ଷା କରିବାକୁ ଯିବା ବେଳେ ରେଳ ଲାଇନ୍‌ରେ ତାଙ୍କ ଗୋଡ ଫସି ଯିବାରୁ ସେ ପଡ଼ି ଯାଇଥିଲେ। ଏହି ସମୟରେ ଟ୍ରେନ ତାଙ୍କ ଉପରେ ଚଢ଼ି ଯାଇଥିଲା। ଅପର ପକ୍ଷେ ପୁତ୍ର ରାଜେଶ ମଧ୍ୟ ରେଳ ଲାଇନ୍‌ରେ ପଡ଼ିଯିବାରୁ ତାଙ୍କର ୨ଟି ଗୋଡ଼ କଟିଯାଇଥିଲା। ରେଳବାଇ ଫାଣ୍ଡି ପୋଲିସ ଓ ଆର୍‌ପିଏଫ ଘଟଣାର ତଦନ୍ତ କରୁଥିବା ଷ୍ଟେଶନ କର୍ତ୍ତୃପକ୍ଷଙ୍କ ସୂତ୍ରରୁ ଜଣାପଡିଛି।

## CLASSIFIED DISPLAY

MORE SPACE • SAME PRICE

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନବବର୍ଷ ଧମାକା
ଗୋଟିଏ କଲ୍‌ରେ ଋଣ ପାଆନ୍ତୁ
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର
ASF FINANCE
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ
ଆଧାରକାର୍ଡ, ବ୍ୟବସାୟ
ସବୁ ପ୍ରକାର ଋଣ
1% ସୁଧ 25% ଛାଡ଼
ଘରେ ବସି ପାଆନ୍ତୁ ଅନ୍‌ଲାଇନ୍ ସୁବିଧା ଉପଲବ୍ଧ।
94634-86078
Email : financeabirami32@gmail.com
Airport Road, Gandhi Nagar, Bhopal (MP)

ଋଣ...ଋଣ...ଋଣ...
1 ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ,
ବ୍ୟବସାୟ, କୃଷି, ପ୍ରପର୍ଟି,
କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ,
ରାଶନ କାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ଛାଡ଼
!! ନମୋ ନମୋ ଫାଇନାନ୍ସ !!
E-mail : - namonamoonlinem.p@gmail.com
9911321841
Add : - 41/14, Sec-1 Pushp Vihar, Delhi

ଖର୍ଚ୍ଚ ଋଣରୁ କଟିବ
MAHALAXMI FINANCE
1 ଲକ୍ଷରୁ ୨0 ଲକ୍ଷ ପର୍ଯ୍ୟନ୍ତ ଋଣ ପାଆନ୍ତୁ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ବ୍ୟବସାୟ ଋଣ, ଷ୍ଟାର୍ଟ-ଅପ୍, ଲଘୁ ଉଦ୍ୟୋଗ, ଦୋକାନୀଙ୍କ ପାଇଁ ମୁଦ୍ରା ଋଣ।
ସବୁ ଋଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ମାତ୍ର 12-24 ଘଣ୍ଟାରେ ଘରେ ବସି ପାଆନ୍ତୁ T&C
1% ସୁଧ | 40% ରିହାତି
ଠକାମିର ଶିକାର ମହିଳା/ପୁରୁଷ ଥରେ ନିଶ୍ଚୟ ଫୋନ୍ କରନ୍ତୁ
9518852216, 9548270863
ADDRESS: T-51, GAUTAMPURI, DELHI

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail : - ridhifinanceonlinem.p@gmail.com
9911473748
Add : - 41/14, Sec-1 Pushp Vihar, Delhi

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ASTROLOGY

ଶକ୍ତିର
ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୁଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
9599320079

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

BUSINESS

BUSINESS
ଖାଲିଥିବା ଜମି ଓ ଛାତ ଉପରେ Galaxy Tower ଗ୍ରୁପର ଡିଜିଟାଲ ଟାୱାର ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ ।
ଆଜି ହିଁ ସଂମ୍ପର୍କ କରନ୍ତୁ
242/4, Bannerghatta Main Rd, Mulimavu, Bengaluru, Karnataka 560076
Call / SMS Now
9479667248

## ସଂକ୍ଷେପରେ

### ୨ ମଦ ବେପାରୀ ଗିରଫ



**ଜଳେଶ୍ୱର,୧୧।୧୨(ସ୍ୱ.ପ୍ର):** ବାଲେଶ୍ୱର ଜିଲା ଜଳେଶ୍ୱର ଅବକାରୀ ବିଭାଗ ପକ୍ଷରୁ ଓଡ଼ିଶା- ପଶ୍ଚିମବଙ୍ଗ ସୀମାନ୍ତ ଅଗ୍ରୱାଲା ଛକ, ବଣିପୋଖରୀ ଓ ଲକ୍ଷ୍ମଣନାଥ ଅଞ୍ଚଳର ବିଭିନ୍ନ ସ୍ଥାନରେ ବୁଧବାର ଚଢ଼ାଉ କରାଯାଇଥିଲା। ସେଠାକାର ୨ଜଣ ଚୋରା ବେପାରୀଙ୍କ ଠାରୁ ୬୫ ଲିଟର ପଶ୍ଚିମବଙ୍ଗ ମାର୍କା ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ଶ୍ୟାମସୁନ୍ଦର ଟୁଡ୍ଡୁ(୩୦) ଓ ନରେନ୍ଦ୍ର ନାଥ (୫୦)। ଏ ନେଇ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଚଢ଼ାଉ ଟିମ୍‌ରେ ବସନ୍ତ ମଲ୍ଲିକ, ପୂର୍ଣ୍ଣଜିତ ମହାପାତ୍ର, କିଶୋର ଚନ୍ଦ୍ର ରାଉତ, ପ୍ରଦୀପ ବେହେରା, ଅର୍ଚ୍ଚନା ନାୟକ ପ୍ରମୁଖଙ୍କ ସହିତ ଜଳେଶ୍ୱର ପୋଲିସ ସାମିଲ ଥିଲେ।

### ସୋର ୟୁଏନ୍ କଲେଜରେ ବିଶ୍ୱ ମାନବାଧିକାର ଦିବସ

**ସୋର/ ଜଳେଶ୍ୱର, ୧୧।୧୨ (ଡି.ଏନ.ଏ./ ସ୍ୱ.ପ୍ର.):** ବାଲେଶ୍ୱର ଜିଲା ସୋର ଉପେନ୍ଦ୍ରନାଥ ମହାବିଦ୍ୟାଳୟ ପରିସରରେ ସୋର କୋର୍ଟ ତାଲୁକସ୍ତରୀୟ ଆଇନ୍ ସେବା ସମିତି ପକ୍ଷରୁ ବିଶ୍ୱ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ସବଜଜ୍ ଚିତ୍ତରଞ୍ଜନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ଡ. ଶ୍ରୀକାନ୍ତ ସାମଲ, ପ୍ରଶାସନିକ ଅଧିକାରୀ ପ୍ରାଧାପକ ମହେଶ୍ୱର ନାୟକ, ସେବା ସମିତି ସଦସ୍ୟ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଘଡାଇ, ସୁକାନ୍ତ ମିଶ୍ର ଓ ମନୋରଞ୍ଜନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ମାନବାଧିକାର ଉଲ୍ଲଂଘନ ନେଇ ଆଇନଗତ ସହାୟତା ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଶେଷରେ ପ୍ରାଧାପକ ଜଳଧର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ମଙ୍ଗଳବାର ମଧ୍ୟାହ୍ନରେ ଜଳେଶ୍ୱର ମ୍ୟୁନିସିପାଲିଟିରେ ଜଗନ୍ନାଥ ଡିଗ୍ରୀ କଲେଜ ପରିସରରେ ସ୍ଥାନୀୟ ତାଲୁକ ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଥିଲା। ମୁଖ୍ୟଅତିଥି ଭାବେ ତାଲୁକ ଆଇନ ସେବାର ଅଧକ୍ଷ ତଥା ସବ୍‌ଜଜ୍ ଇନ୍ଦିରା ପ୍ରିୟଦର୍ଶିନୀ ଏବଂ ସମ୍ମାନନୀୟ ଅତିଥି ଭାବେ ମୁନ୍‌ସିଫ ଜୁନିୟର ମାମି ବେହେରା, ବରିଷ୍ଠ ଆଇନ୍‌ଜୀବୀ ଚିନ୍ମୟ ଦାସ, ବାର୍‌ର ସଭାପତି କୁଞ୍ଜବିହାରୀ ଦାସ, ତାଲୁକ ଆଇନ୍‌ସେବାର ବରିଷ୍ଠ ସଦସ୍ୟ ସୁନୀଲ କୁମାର ଜେନା, ମହାବିଦ୍ୟାଳୟର ଅଧକ୍ଷା ଜ୍ୟୋତ୍ସ୍ନା ଘୋଷ ଯୋଗ ଦେଇଥିଲେ।

### କୃତୀ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ,୧୧।୧୨:** ବିଦ୍ୟାଭାରତୀ, ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ ଦ୍ୱାରା ହରିୟାଣାର କୁରୁକ୍ଷେତ୍ରଠାରେ ସଂସ୍କୃତି ମହୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ବାଲେଶ୍ୱରର ମାଣିଖମ୍ବ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରୀ ଓ ଆଚାର୍ଯ୍ୟା କୃତିତ୍ୱ ହାସଲ କରି ଅନୁଷ୍ଠାନର ଗୌରବ ବୃଦ୍ଧି କରିଛନ୍ତି। ଛାତ୍ରୀ ପ୍ରିୟଙ୍କା ପ୍ରୟଦର୍ଶିନୀ ମହାପାତ୍ର ଆଶୁ ଭାଷଣ ପ୍ରତିଯୋଗିତାରେ ୨ୟ ସ୍ଥାନ ଓ ଆଚାର୍ଯ୍ୟା ଲୋପାମୁଦ୍ରା ପ୍ରଧାନ ଆଚାର୍ଯ୍ୟ ପତ୍ର ବାଚନରେ ୩ୟ ସ୍ଥାନ ଅଧିକାର କରିଥିଲେ। ଏହି ସଫଳତା ପାଇଁ ଶିକ୍ଷୟିତ୍ରୀ, ଶିକ୍ଷକ, କମିଟିର କର୍ମକର୍ତ୍ତା ଓ ଛାତ୍ରୀଛାତ୍ର ବିଦ୍ୟାଳୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଛାତ୍ରୀ ପ୍ରିୟଙ୍କା ଓ ଆଚାର୍ଯ୍ୟା ଲୋପାମୁଦ୍ରାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

## ■ରାଜସ୍ୱ ପରିଷଦ ସଦସ୍ୟଙ୍କ ଅନୁଗୋଳ ଗସ୍ତ

# ଲୋକଙ୍କ ବିଶ୍ୱାସଭାଜନ ହେବାକୁ ପରାମର୍ଶ

**ଅନୁଗୋଳ ଅଫିସ, ୧୧।୧୨**

ଅନୁଗୋଳ ଜିଲା ଦାୟିତ୍ୱରେ ଥିବା ରାଜସ୍ୱ ପରିଷଦର ସଦସ୍ୟ ସି.ଜେ. ଭେନୁଗୋପାଳ ବୁଧବାର ଅନୁଗୋଳ ଜିଲା ଗସ୍ତରେ ଆସି ଅନୁଗୋଳ ଓ ଛେଣ୍ଡିପଦା ଅଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ। ପରେ ଅପରାହ୍ନରେ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ସମୀକ୍ଷା ବୈଠକରେ ଯୋଗଦେଇ ସରକାରଙ୍କ ବିଭିନ୍ନ ଅଗ୍ରାଧିକାର ଯୋଜନାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲୋକମାନଙ୍କୁ ନିରାଶ ନ କରି ସେମାନଙ୍କ ବିଶ୍ୱାସଭାଜନ ହେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଜିଲା ଖଣିଜ ପାଣ୍ଠିକୁ ସଦୁପଯୋଗ କରି ଲୋକମାନଙ୍କ ସମସ୍ୟା ସମାଧାନ ପାଇଁ ନୂତନ ପନ୍ଥା ସମ୍ପର୍କିତ ମତାମତ ଦେଲେ ଏହାକୁ ସରକାରଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ଭେନୁଗୋପାଳ ପ୍ରକାଶ କରିଥିଲେ।

ଜିଲାପାଳ ମନୋଜ କୁମାର ମହାନ୍ତି ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ରୂପରେଖ ସମ୍ପର୍କରେ ସଦସ୍ୟଙ୍କୁ ଅବଗତ କରିଥିଲେ। ପରେ ସଦସ୍ୟ ସ୍ୱାସ୍ଥ୍ୟ ସେବା, ପାନୀୟ ଜଳ ଯୋଗାଣ, ଶିକ୍ଷା, ସାଧାରଣ ବଣ୍ଟନ, କୃଷି, ଉଦ୍ୟାନ, ସମାଜ ମଙ୍ଗଳ, ଉଠାଜଳସେଚନ, ଗ୍ରାମୀଣ ବିଦ୍ୟୁତୀକରଣ, ନିର୍ମାଣ ଶ୍ରମିକ ସହାୟତା, ମିଶନ ଶକ୍ତି ଓ ଗ୍ରାମ୍ୟ ଗୃହ ନିର୍ମାଣ ଆଦି ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ଠାରୁ ଅବଗତ ହୋଇଥିଲେ। ଆଠମଲ୍ଲିକ ଅଞ୍ଚଳରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ସେଠାରେ ଏକ ଡାୟାଲିସିସ୍ ୟୁନିଟ୍ ପ୍ରତିଷ୍ଠା କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରସ୍ତାବ ଦେଇଥିଲେ। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଆସନ୍ତା ୨୦୨୨ ସୁଦ୍ଧା ଗ୍ରାମାଞ୍ଚଳ ଓ ୨୦୨୦ ସୁଦ୍ଧା ସହରାଞ୍ଚଳର ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ଦିଆଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ବିଭାଗୀୟ ଯନ୍ତ୍ରୀ ସୂଚନା ପ୍ରଦାନ କରିଥିଲେ। ସ୍କୁଲରେ ଉପସ୍ଥାନ ସଂଖ୍ୟା ବୃଦ୍ଧି ପାଇଁ ପାଠ୍ୟ ଉପକରଣ ପ୍ରଦାନ ସହ ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିଲା। ଜିଲାରେ ସ୍ୱଳ୍ପ ଦୃଷ୍ଟି ଶକ୍ତି ସମ୍ପନ୍ନ ୨୩୦୫ ଜଣ ପିଲାଙ୍କୁ ଚଷମା ପ୍ରଦାନ ସହ ପାଲଲହଡ଼ାର ଉପାନ୍ତ ଅଞ୍ଚଳ ନଗିରା ଓ ସିବିଡ଼ାରେ ପାଉଡ଼ିଭୂଇଁରେ ପିଲାଙ୍କ ପାଇଁ ୨୧ଟି ସ୍ୱତନ୍ତ୍ର ବିଦ୍ୟାଳୟ ଖୋଲାଯାଇଛି। ଜିଲାରେ ଥିବା ୫ଟି ଆଦର୍ଶ ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିୟୋଜିତ କରିବା ସହ ତଫସିଲଭୁକ୍ତ ଜାତି ଓ ଜନଜାତି ବିଦ୍ୟାଳୟ ଗୁଡ଼ିକରେ ଛାତ୍ରାବାସ, ପାଠପଢ଼ା କିପରି ଚାଲିଛି ସେ ସମ୍ପର୍କରେ ସଦସ୍ୟ ଅବଗତ ହୋଇଥିଲେ। ଆସନ୍ତା ୧୬ ତାରିଖରେ ଜିଲାରେ ପ୍ରଥମ ଧାନ ମଣ୍ଡିର ସୁପରିଚାଳନା ଉପରେ ସଦସ୍ୟ ଗୁରୁତ୍ୱାରୋପ କରିଥିଲେ। ଗର୍ଭବତୀ ମହିଳାମାନଙ୍କୁ ସୁଷମ ଖାଦ୍ୟ ବଣ୍ଟନ ଓ ପିଲାମାନଙ୍କୁ ଛତୁଆ ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ଗ୍ରାମ୍ୟ ଗୃହ ନିର୍ମାଣ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଅନୁଗୋଳ ଜିଲାକୁ ଠିକ୍ ସମୟରେ ସାର ପହଞ୍ଚୁ ନ ଥିବା ଜିଲା ଉପ କୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର ପ୍ରକାଶ କରିଥିଲେ। ଏଥିସହ ପାଲଲହଡ଼ାରେ ଏକ ସାର ଗୋଦାମ ପାଇଁ ସେ ପ୍ରସ୍ତାବ ଦେଇଥିଲେ।

ପୂର୍ବାହ୍ନରେ ସଦସ୍ୟ ଅନୁଗୋଳ ବ୍ଲକର ଖଲାରୀ ଗ୍ରାମରେ ଥିବା ଧରିତ୍ରୀ ସ୍ୱୟଂସହାୟକ ଗୋଷ୍ଠୀର ଛତୁଆ ପ୍ରସ୍ତୁତି କେନ୍ଦ୍ର ପରିଦର୍ଶନ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଉପଜିଲାପାଳ ବାସୁଦେବ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅମରେନ୍ଦ୍ରନାଥ ମହାନ୍ତିଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ରାଜସ୍ୱ ପରିଷଦର ସଦସ୍ୟଙ୍କ ସହ ଜିଲା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

- ■କିଡ୍‌ନୀ ରୋଗ ପ୍ରତିରୋଧ ପାଇଁ ସଚେତନ କର
- ■ଧାନମଣ୍ଡିର ସୁପରିଚାଳନା ଉପରେ ଗୁରୁତ୍ୱାରୋପ
- ■ସମସ୍ୟା ସମାଧାନ ପାଇଁ ମତାମତ ମାଗିଲେ

### ଛେଣ୍ଡିପଦାରେ ରାଜସ୍ୱ ପରିଷଦ ସଦସ୍ୟ

**ଛେଣ୍ଡିପଦା,୧୧।୧୨ (ସ୍ୱ.ପ୍ର.):** ପୂର୍ବାହ୍ନରେ ରାଜସ୍ୱ ପରିଷଦର ସଦସ୍ୟ ବାସୁଦେବପୁରଠାରେ ଏକ ଅଙ୍ଗନୱାଡ଼ି କେନ୍ଦ୍ର, ରାଇଝରଣ ପଞ୍ଚାୟତ ବାହଳ ସାହିରେ ନିର୍ମିତ ଥଣ୍ଡା ପାନୀୟ ଜଳ, ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିରାମୟ ଯୋଜନାରେ ଦିଆଯାଉଥିବା ମାଗଣା ଔଷଧ କେନ୍ଦ୍ର, କୁକୁରପେଟା ପଞ୍ଚାୟତରେ ପାନୀୟ ଜଳ ପ୍ରକଳ୍ପ, ନଳକୂଅ ଓ ଏଲଆଇ ପଏଣ୍ଟ ଆଦି ପରିଦର୍ଶନ କରିବା ସହ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ବାଲିପଛା ପଞ୍ଚାୟତ ଗସ୍ତ କରି ପାନୀୟ ଜଳ ପ୍ରକଳ୍ପ, ଅନୁସୂଚିତ ଜନଜାତି ବାଳିକା ଛାତ୍ରାବାସ ପରିଦର୍ଶନ, ବାଲିପଟା ନୋଡାଲ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଯାଞ୍ଚ ସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିବା ସହିତ ବାଲିପଛା ପଞ୍ଚାୟତରେ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ ଆଦି ସମ୍ପର୍କରେ ପଚାରି ବୁଝିଥିଲେ। ସରପଞ୍ଚ ରାକେଶ କୁମାର ପ୍ରଧାନ, ଜିଲାପରିଷଦ ସଦସ୍ୟ ଶ୍ରୀଧର ଗଡନାୟକ ପ୍ରମୁଖ ଗ୍ରାମରେ ଥିବା ଛାତ୍ରୀନିବାସ ଶଯ୍ୟା ସଂଖ୍ୟା ବୃଦ୍ଧି, ଅନୁସୂଚିତ ଜାତି ନିମନ୍ତେ ୫୦ଟି ସିଟ୍ ସଂରକ୍ଷଣ, ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ଡାକ୍ତର ପାଇଁ ଦାବି କରିଥିଲେ।

### ସ୍ତ୍ରୀଙ୍କ ଶାଢ଼ିରେ ଝୁଲି ଆତ୍ମହତ୍ୟା କଲେ ସ୍ୱାମୀ

**ଭୁବନେଶ୍ୱର,୧୧।୧୨(ବ୍ୟୁରୋ)**

ସ୍ୱାମୀଙ୍କ ଦ୍ୱିତୀୟ ବିବାହକୁ କେନ୍ଦ୍ର କରି ପରିବାରରେ ଲାଗି ରହିଥିବା ଅଶାନ୍ତି ଶେଷରେ ଉଗ୍ରରୂପ ନେଇଛି। ସ୍ତ୍ରୀଙ୍କ ପିନ୍ଧା ଶାଢ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି ସ୍ୱାମୀ। ଶହୀଦନଗର ଥାନା ତ୍ରିନାଥ ବସ୍ତି ଅଞ୍ଚଳରେ ଏମିତି ଏକ ଅଭାବନୀୟ ଘଟଣା ଘଟିଛି। ମୃତବ୍ୟକ୍ତି ଜଣକ ହେଲେ ଅନୁଗୋଳ ଜିଲା ସୌଭାଗ୍ୟନଗର ଅଞ୍ଚଳର କାଳିଆ ବାହାଦୁର ସାଏ(୨୬)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘର କବାଟ ଭାଙ୍ଗି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା (ନଂ.୮୧/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ମୁତାବକ, କାଳିଆ ତ୍ରିନାଥ ବସ୍ତି ଅଞ୍ଚଳରେ ରହି ମଞ୍ଚେଶ୍ୱରସ୍ଥିତ ଏକ ଜାଲ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସେଠାରେ କାର୍ଯ୍ୟରତ ଜଣେ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ଗଢ଼ି ଉଠିବା ପରେ ତାଙ୍କୁ ୪ ବର୍ଷ ତଳେ ବିବାହ କରିଥିଲେ। ମାତ୍ର ତାଙ୍କର କୌଣସି ସନ୍ତାନ ନ ହେବାରୁ କାଳିଆ ଅନ୍ୟଜଣେ ଯୁବତୀଙ୍କୁ ବିବାହ କରିଥିଲେ। ଦ୍ୱିତୀୟ ବିବାହ ଓ ଆର୍ଥିକ ସମସ୍ୟାକୁ ନେଇ ପରିବାରରେ ବହୁ ସମୟରେ ଝଗଡ଼ା ଲାଗୁଥିଲା। ମଙ୍ଗଳବାର ସନ୍ଧ୍ୟାରେ ପ୍ରଥମ ସ୍ତ୍ରୀ ଓ କାଳିଆଙ୍କ ମଧ୍ୟରେ ପରିବାର ଭରଣ ପୋଷଣକୁ ନେଇ ଝଗଡା ହୋଇଥିଲା। ବୁଧବାର ସକାଳେ ଦ୍ୱିତୀୟ ସ୍ତ୍ରୀ କାଳିଆଙ୍କୁ ବାରମ୍ବାର ଫୋନ୍ କରିଥିଲେ ମଧ୍ୟ ସେ ଉଠାଇ ନ ଥିଲେ। ତାଙ୍କ ଘର ନିକଟରେ ପହଞ୍ଚି କବାଟ ଭିତରପଟୁ ବନ୍ଦ ଥିବା ଦେଖି ବାଡେଇଥିଲେ। କବାଟ ନ ଖୋଲିବାରୁ ସେ ପଡୋଶୀଙ୍କୁ ଡାକିବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗିବା ପରେ କାଳିଆ ଏକ ଶାଢ଼ିକୁ ବେକରେ ବାନ୍ଧି ଆଜ୍‌ବେଷ୍ଟସ୍ ଘରର ଓରାରେ ଝୁଲିପଡ଼ିଥିବା ଦେଖିବାକୁ ମିଳିଥିଲା।

## ହାତୀପଲ ପାଇଁ ବନ ବିଭାଗ ନୟାନ୍ତ

**ଜଳେଶ୍ୱର ୧୧।୧୨ (ସ୍ୱ.ପ୍ର.)**



ଜଙ୍ଗଲତଳି ଇଲାକାକୁ ପାଣି ପିଇବାକୁ ଆସିଥିବା ହାତୀ ପଲ।

ବାଲେଶ୍ୱର ଜିଲାର ଜଳେଶ୍ୱର ରେଞ୍ଜ ଅଧୀନ ରାଇବଣିଆ ସମେତ ସୀମାନ୍ତବର୍ତ୍ତୀ ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର ଓ ମୁରୁଡ଼ା ଅଞ୍ଚଳରେ ଉପଦ୍ରବ ଚଳାଇଥିବା ହାତୀପଲ ଜଙ୍ଗଲତଳି ଇଲାକାରେ ଲୋକଙ୍କ ନିଦ ହଜାଇଛନ୍ତି। ଏହି ଅଞ୍ଚଳକୁ ପଶି ଆସିଥିବା ଶତାଧିକ ଝାଡଖଣ୍ଡ ହାତୀ ରାତି ହେଲେ ଗାଁ ଓ ଚାଷ ଜମିକୁ ପଶି ପାଚିଲା ଧାନ ଖାଇ କ୍ଷତି ଘଟାଇ ଚାଲିଛନ୍ତି। କେତେକ ବାସଗୃହ ମଧ୍ୟ ଭାଙ୍ଗିଛନ୍ତି। ହାତୀପଲକୁ ପଶ୍ଚିମବଙ୍ଗ ଆଡକୁ ଘଉଡାଇବା ଲାଗି ଉଦ୍ୟମ କରି ବନ କର୍ମଚାରୀ ନୟାନ୍ତ ହେଉଛନ୍ତି। ବନ ବିଭାଗର ୨ ଜଣ ଡିଏଫଓ ଉପସ୍ଥିତ ରହି ହାତୀ ଝଉଡାଇବା କାର୍ଯ୍ୟର ତଦାରଖ କରୁଛନ୍ତି।

ଜଳେଶ୍ୱର ରେଞ୍ଜ ଅଫିସର ଦେବେନ୍ଦ୍ରନାଥ ପାତ୍ରଙ୍କ କହିବା ଅନୁଯାୟୀ ଝାଡଖଣ୍ଡ ହାତୀପଲରେ ବହୁ ସଂଖ୍ୟକ ଦନ୍ତା ସମେତ ପ୍ରାୟ ୯୮ଟି ହାତୀ ରହିଛନ୍ତି। ସେମାନେ ୨ଦିନ ଧରି ଲୁହାପଡ଼ା ଜଙ୍ଗଲ ନିକଟରେ ଅଟକିଥିଲେ। ସୋମବାର ବନକର୍ମଚାରୀ ହାତୀ ଘଉଡ଼ାଇବାରେ ସଫଳ ନ ହେବାରୁ ମଙ୍ଗଳବାର ଘଟଣାସ୍ଥଳରେ ବାଲେଶ୍ୱର ଡିଏଫଓ ବିଶ୍ୱରାଜ ପଣ୍ଡା ଓ ମୟୂରଭଞ୍ଜ ଡିଏଫ୍‌ଓ ସ୍ୱୟଂ ମଲ୍ଲିକ ଘଟଣାସ୍ଥଳରେ ପହଞ୍ଚିଥିଲେ। ଜଳେଶ୍ୱର ରେଞ୍ଜରେ ଥିବା କର୍ମଚାରୀ, ଓଲମରାର ହାତୀ ସୁରକ୍ଷା ବାହିନୀ ଓ ସବୁଜ ବାହିନୀ ମିଳିତ ଭାବେ ୪ଟି ଦଳରେ ବିଭକ୍ତ ହୋଇ ହାତୀପଲର ଗତିବିଧି ଉପରେ ନଜର ରଖିଛନ୍ତି। ସେହିପରି ମୟୂରଭଞ୍ଜ ଜିଲାର ୨ଟି ରେଞ୍ଜରୁ ଆସିଥିବା କର୍ମଚାରୀ ୭ଟି ଦଳରେ ବିଭକ୍ତ ହୋଇ ହାତୀଙ୍କୁ ସୁବର୍ଣ୍ଣରେଖା ବହୁମୁଖୀ ଯୋଜନାରେ ଖନନ ହୋଇଥିବା କେନାଲ ପାର କରାଇ ପଶ୍ଚିମବଙ୍ଗ ମୁହାଁ କରାଇଥିବା ସୂଚନା ମିଳିଛି। ଉକ୍ତ ପଲରେ ପ୍ରାୟ ୧୧୭ଟି ହାତୀ ଥିବା ସ୍ଥାନୀୟ ଗ୍ରାମବାସୀ କହିଛନ୍ତି।

### ଜିଲା ଖୋଖୋ ଦଳର ସଫଳତା

**ବାଲେଶ୍ୱର ଅଫିସ, ୧୧।୧୨**

ବାଲେଶ୍ୱର ଜିଲା କ୍ରୀଡ଼ା ସଂଘର ପୁରୁଷ ଓ ମହିଳା ଖୋଖୋ ଦଳ ଆଠଗଡ଼ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ପୁରୁଷ ଦଳ ଭୁବନେଶ୍ୱରକୁ ହରାଇ ଚାମ୍ପିୟନ ହୋଇଥିବାବେଳେ ମହିଳା ଦଳ ରନର୍ସଅପ୍ ହୋଇଛନ୍ତି। ଖୋଖୋ ଯୁଗ୍ମ ସମ୍ପାଦକ ତଥା ଓଡ଼ିଶା ଖୋଖୋ ଆସୋସିଏଶନର ସହ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ ଖେଳାଳୀମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଜିଲା କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର, ସହ ସାଧାରଣ ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଉପ ସଭାପତି ବୀରେନ୍ଦ୍ର ସ୍ୱାଇଁ ଓ ବରିଷ୍ଠ ସଭ୍ୟ ପ୍ରଦିପ ଦାସ, ଯୁଗ୍ମ ସମ୍ପାଦକ ଜଗଦୀଶ ବେହେରା ପ୍ରମୁଖ ଖେଳାଳୀ ଓ ଭାରତୀୟ ଖୋଖୋ ଦଳରେ ପ୍ରତିନିଧିତ୍ୱ କରିଥିବା ସତ୍ୟଜିତ ସିଂଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

## ଦୀଘାରେ ବିଶ୍ୱବାଣିଜ୍ୟ ସମ୍ମିଳନୀ

**ଭୋଗରାଇ, ୧୧।୧୨ (ଡି.ଏନ.ଏ.)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାକୁ ଲାଗିଥିବା ପଶ୍ଚିମବଙ୍ଗ ଦୀଘାସ୍ଥିତ ବିଶ୍ୱ ବାଂଲା କନ୍‌ଭେନ୍‌ସନ ସେଣ୍ଟର ପରିସରରେ ବୁଧବାର ଅପରାହ୍ନରେ ଆରମ୍ଭ ହୋଇଛି ବିଶ୍ୱ ବାଣିଜ୍ୟ ସମ୍ମିଳନୀ। ଏହି ସମ୍ମିଳନୀରେ ୮ଟି ଦେଶର ଶିଳ୍ପପତ ଏବଂ ବହୁଦେଶୀୟ କମ୍ପାନୀର କର୍ମକର୍ତ୍ତା ସାମିଲ ହୋଇଛନ୍ତି। ଭାରତର ଉପକୂଳର ବାଣିଜ୍ୟ, ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ଭିତ୍ତିଭୂମି ସୁଦୃଢ଼ ରହିଥିବାରୁ ଏଠାରେ ଅର୍ଥ ବିନିଯୋଗ ସକାଶେ ବିଦେଶୀ କମ୍ପାନୀମାନେ ଆଗ୍ରହ ପ୍ରକାଶ କରୁଥିବାର ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ସାମିଲ ହୋଇଥିବା ଉତ୍ତର-ପୂର୍ବ ଭାରତ ସହିତ ବାଂଲାଦେଶ, ଭୁଟାନ, ନେପାଳ, ମିଆଁମାର ପ୍ରଭୃତି ବିଦେଶୀ ଶିଳ୍ପପତିମାନେ ଆର୍ଥିକ, ସାମାଜିକ, ସାଂସ୍କୃତିକ କ୍ଷେତ୍ରରେ ନିଜ ନିଜ ଦେଶରେ ପ୍ରଗତି ଓ ବନ୍ଧୁତ୍ୱର ବାର୍ତ୍ତା ଦେଇଥିଲେ। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବିଶ୍ୱ ବାଣିଜ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରି ପଶ୍ଚିମବଙ୍ଗରେ ପୁଞ୍ଜି ନିବେଶ ପାଇଁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଥିଲେ। ବିଶେଷତଃ ଦୀଘା ଉପକୂଳକୁ ଦ୍ୱିତୀୟ ଗୋଆ ଭାବେ ଗଢ଼ି ତୋଳିବାକୁ ଏଠାରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ପୁଞ୍ଜି ନିବେଶ କରିବାକୁ ସେ ଦେଶବିଦେଶର ଶିଳ୍ପପତିଙ୍କୁ କହିଥିଲେ। ବିଶ୍ୱ ବାଣିଜ୍ୟ ସମ୍ମିଳନୀରେ ପଶ୍ଚିମବଙ୍ଗର ବହୁ ମନ୍ତ୍ରୀଙ୍କ ସହିତ ଉଚ୍ଚପଦସ୍ଥ ଅଧିକାରୀ ଯୋଗଦେଇଥିଲେ। ସନ୍ଧ୍ୟାରେ ଯାତ୍ରାନଳ ପଡ଼ିଆରେ ସାଂସ୍କୃତିକ କାର୍ଯ୍ୟକ୍ରମ କଡ଼ା ସୁରକ୍ଷା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଦୁଇଦିନିଆ ଏହି ବିଶ୍ୱ ବାଣିଜ୍ୟ ସମ୍ମିଳନୀରେ ଗୁରୁବାର ପୂର୍ବାହ୍ନରୁ ବିଜିନେସ୍ ଟୁ ବିଜିନେସ୍ (ବିଟୁବି) ଓ ଅପରାହ୍ନରେ ମନ୍ତ୍ରୀ ଓ ଉଚ୍ଚ ପଦାଧିକାରୀଙ୍କ ମଧ୍ୟରେ ପର୍ଯ୍ୟାଲୋଚନା ବୈଠକ କରାଯିବାର ସୂଚନା ମିଳିଛି। ବିଶ୍ୱ ବାଣିଜ୍ୟ ସମ୍ମିଳନୀ ପାଇଁ ଓଡ଼ିଶା ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି।

## ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ

**ରେମୁଣା, ୧୧।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣାସ୍ଥିତ ସରକାରୀ ବାଳିକା ହାଇସ୍କୁଲଠାରେ ଦୁଇଦିନିଆ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନର ଅପକାର ଏବଂ ଉପକାରକୁ ଚିହ୍ନି ତାକୁ ବ୍ୟବହାରରେ ଲଗାଇ ପାରିଲେ ବର୍ତ୍ତମାନ ଏବଂ ଭବିଷ୍ୟତ ଜୀବନ ସୁରକ୍ଷିତ ଏବଂ ସୁଖକର ହେବ ବୋଲି ଉଦ୍‌ଘାଟନୀ ଦିବସରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ରାମଚନ୍ଦ୍ର ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ ମତ ବ୍ୟକ୍ତ କରିଥିଲେ। ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀ ଅଧକ୍ଷତା କରିଥିଲେ। ପ୍ରଫେସର ସୁଶୀଲ କୁମାର ଦତ୍ତ ମୁଖ୍ୟବକ୍ତା ଏବଂ ଅଧ୍ୟାପକ କମଳାକାନ୍ତ ଜେନା ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ । ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷା କଳ୍ପନା ପଟ୍ଟନାୟକ ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ରେମୁଣା ଫିଡର ସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମିଶ୍ର ମଞ୍ଚ ଆହ୍ୱାନ, ଭୀମେଶ୍ୱର ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ମହାନ୍ତି ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବ୍ଲକ ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଦର୍ଶନୀରେ ସିନିୟର ଗ୍ରୁପ ପକ୍ଷରୁ ୮୦ ଏବଂ ଜୁନିୟର ଗ୍ରୁପ ପକ୍ଷରୁ ୩୨ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା।

## ଖୁଣ୍ଟ ପୋତାଯାଇଛି, ଜଳୁନି ଲାଇଟ୍

**ଚମ୍ପୁଆ,୧୧।୧୨(ଡି.ଏନ.ଏ.)**

ଏନଏସି ଗଠନ ପରେ ଜନସାଧାରଣଙ୍କୁ ମିଳିବାକୁ ଥିବା ମୌଳିକ ସୁବିଧା ପାଇବାରୁ ଏନଏସିବାସୀ ବଞ୍ଚିତ ହେଉଥିବା ଦେଖିବାକୁ ମିଳୁଛି। ଏନଏସି ଓ ବିଦ୍ୟୁତ ବିଭାଗ ପରସ୍ପରକୁ ଦୋଷ ଦେଉଥିବାରୁ ପଥପ୍ରାନ୍ତ ଆଲୋକ ବ୍ୟବସ୍ଥା ପ୍ରହସନ ପାଲଟିଛି। ଏଥିପାଇଁ ସମସ୍ତ କାର୍ଯ୍ୟ ଶେଷ ହେବାର ୧ମାସ ପୂରିଯାଇଥିଲେ ମଧ ଆଜି ପର୍ଯ୍ୟନ୍ତ ସେବା ଯୋଗାଇବାରେ ବିଫଳ ହୋଇଛି।

ସୂଚନା ଅନୁସାରେ ପଥପ୍ରାନ୍ତ ଆଲୋକ ପାଇଁ ଏକ କମ୍ପାନୀ ମାଧ୍ୟମରେ ଖୁଣ୍ଟ ପୋତା, ତାର ଟଣା ଓ ଏଲଇଡି ବଲ୍‌ବ ବ୍ୟବସ୍ଥା କରାଯାଇଛି। ମାସେ ତଳେ ସମସ୍ତ କାର୍ଯ୍ୟ ଶେଷ ହୋଇଥିଲେ ବି ଏନ୍‌ଏସି ଓ ବିଦ୍ୟୁତ ବିଭାଗର ସମନ୍ୱୟ ଅଭାବରୁ ତାହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ସମ୍ପୃକ୍ତ କମ୍ପାନୀ ପକ୍ଷରୁ ୫୬୯ ଗୋଟି ଖୁଣ୍ଟ ପୋତାଯାଇ ଆଲୋକ ଦେବାର ବ୍ୟବସ୍ଥା କରାଯାଇଛି। ଚମ୍ପୁଆ ଏନଏସି ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଟ୍ଟଯୋଶୀଙ୍କ କହିବା ଅନୁସାରେ ଗତ ୭ ତାରିଖରେ ଏନେଇ ଏକ ଉଚ୍ଚସ୍ତରୀୟ ବୈଠକ ବସିଥିଲା। ୫ ଦିନ ଭିତରେ ଏହା କାର୍ଯ୍ୟକାରୀ କରାଯିବ। ବିଦ୍ୟୁତ ବିଭାଗ ଯନ୍ତ୍ରୀଙ୍କ କହିବାନୁଯାୟୀ ସୂଚନା ମିଳିଛି। ଏହା ବାବଦକୁ କେତେ ପରିମାଣରେ ବିଦ୍ୟୁତ ଆବଶ୍ୟକ ଓ କେଉଁ ଜାଗାରେ ଅଧିକ ଭୋଲ୍ଟର ଟ୍ରାନ୍ସଫର୍ମର ଆବଶ୍ୟକ ତାହା ତଦାରଖ କରିବା ପରେ ବ୍ୟବସ୍ଥା କରାଯିବ।

# ବାଲିଆପାଳରେ ଧାନର ଅଭାବୀ ବିକ୍ରି

**ବାଲିଆପାଳ, ୧୧।୧୨ (ଡି.ଏନ.ଏ.)**

### ମଣ୍ଡି ଖୋଲୁ ନ ଥିବାରୁ ଚାଷୀ ହଇରାଣ

ବାଲେଶ୍ୱର ଜିଲାର ବାଲିଆପାଳ ଅଞ୍ଚଳରେ ଧାନର ଅଭାବୀ ବିକ୍ରି ସମସ୍ୟା ମୁଣ୍ଡ ଟେକିଛି। ଏଯାଏ କୌଣସି ସ୍ଥାନରେ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ସରକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ଦରରେ ବେପାରୀଙ୍କୁ ଧାନ ବିକିବାକୁ ବାଧ ହେଉଛନ୍ତି। ଆଗାମୀ ଏକ ସପ୍ତାହ ମଧ୍ୟରେ ମଣ୍ଡି ଖୋଲା ନ ଗଲେ ସ୍ଥିତି ଜଟିଳ ହେବ ବୋଲି ଚାଷୀମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି।

ଗତବର୍ଷ ସରକାର ସେବା ସମବାୟ ସମିତି ଜରିଆରେ ବିଭିନ୍ନ ସ୍ଥାନରେ ମଣ୍ଡି ଖୋଲି ଧାନ କିଣିଥିଲେ। ଏଥର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ବାଲିଆପାଳ ଅଞ୍ଚଳରେ ଖରିଫ ଧାନ ଜମିରୁ ଭଲ ଅମଳ ମିଳିବ ବୋଲି ଆକଳନ କରାଯାଇଛି । ବର୍ତ୍ତମାନ ଚାଷୀମାନେ ଜୋରସୋରରେ ଅମଳ ଚଳାଇଛନ୍ତି। ଏଥର ସରକାର ଧାନର ମୂଲ୍ୟ କୁଇଣ୍ଟାଲ ପିଛା ୧୮୧୫ ଟଙ୍କା ଘୋଷଣା କରି ବସି ରହିଛନ୍ତି । ଏଯାଏ ଧାନମଣ୍ଡି ଖୋଲିବାକୁ ସରକାରୀ ସ୍ତରରେ କୌଣସି ବିଜ୍ଞପ୍ତି ପ୍ରକାଶ ପାଇ ନାହିଁ । ଖୋଲା ବଜାରରେ ଧାନର ମୂଲ୍ୟ ୧୨ରୁ ୧୩ ଶହ ଟଙ୍କା ରହିଥିବାରୁ ଚାଷୀମାନେ କ୍ଷତିଗ୍ରସ୍ତ ହେବା ଆଶଙ୍କାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ବାଲିଆପାଳ ବ୍ଲକରେ୧୬ଟି ସେବା ସମବାୟ ସମିତି ରହିଥିବାରୁ ସେସବୁ ସମିତିରେ ତୁରନ୍ତ ଧାନମଣ୍ଡି ଖୋଲାଯାଉ ବୋଲି ସେମାନେ ଦାବି କରିଛନ୍ତି ।

ଉଲ୍ଲେଖନୀୟ ଯେ, ମଣ୍ଡି ଖୋଲି ନ ଥିବାର ସୁଯୋଗ ନେଇ ସ୍ଥାନୀୟ ବେପାରୀମାନେ ଏ ଅଞ୍ଚଳର ଚାଷୀଙ୍କଠାରୁ କମ୍ ଦରରେ ଧାନ କିଣି ଆନ୍ଧ୍ର, ପଶ୍ଚିମବଙ୍ଗ, ଝାଡଖଣ୍ଡର ବ୍ୟବସାୟୀଙ୍କୁ ବିକ୍ରି କରି ଦେଉଛନ୍ତି। ଧାନ ଚାଲାଣ ନେଇ ଏବେ କୌଣସି କଟକଣା କରାଯାଉ ନ ଥିବାରୁ ବାହାର ରାଜ୍ୟର ବ୍ୟବସାୟୀମାନେ ଫାଇଦା ଉଠାଉଛନ୍ତି। ଏ ସମ୍ପର୍କରେ ବାଲିଆପାଳ ସେବା ସମବାୟ ସମିତି ସଭାପତି ସୁବ୍ରତ କୁମାର ମହାପାତ୍ରଙ୍କୁ ପଚାରିବାରୁ ତୁରନ୍ତ ଧାନମଣ୍ଡି ଖୋଲିବା ସକାଶେ ସରକାରଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।

## ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

**ବାଲେଶ୍ୱର ଅଫିସ,୧୧।୧୨**



ଉଦ୍‌ଘାଟନୀ ଉତ୍ସବରେ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରୁଛନ୍ତି।

କ୍ରୀଡ଼ା ଛାତ୍ରୀଛାତ୍ରଙ୍କ ଜୀବନଶୈଳୀରେ ସୁସ୍ଥ ବାତାବରଣ ସୃଷ୍ଟି କରିଥାଏ ବୋଲି ବାଲେଶ୍ୱର ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟର ୨୯ତମ ବାର୍ଷିକ କ୍ରୀଡ଼ା ଉତ୍ସବରେ ପୂର୍ବତନ ଜିଲା କ୍ରୀଡ଼ାଧିକାରୀ ପ୍ରଦୀପ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ମଣି ସାହୁ ଉତ୍ସବରେ ପୌରୋହିତ୍ୟ କରିଥିବାବେଳେ ବୁଧବାର ଉଦ୍‌ଘାଟନ ଉତ୍ସବରେ କବି ପ୍ରଶାନ୍ତ ଦାସ, ଖବରଦାତା ମଧୁସୂଦନ ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଛାତ୍ରୀମାନେ ପ୍ରଥମେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। କ୍ରୀଡ଼ା ଶିକ୍ଷକ ଅମୂଲ୍ୟ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପାଣ୍ଡା, ବାବାଜୀ ଚରଣ ପାଢ଼ୀ, ପ୍ରଦୀପ୍ତ କୁମାର ନାୟକ, ମନୋରଞ୍ଜନ ଭୋଳ ଓ ବିଜୟ କୁମାର ପରମାଣିକ ପ୍ରମୁଖ ସମସ୍ତ ପ୍ରତିଯୋଗିତା ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମୌଳିକ ଅଧିକାର ଉପରେ ଆଲୋଚନା



**ଢେଙ୍କାନାଳ ଅଫିସ, ୧୧।୧୨:** ଢେଙ୍କାନାଳ ସଦର ବ୍ଲକ ମଙ୍ଗଳପୁରସ୍ଥିତ ସତ୍ୟବାଦୀ ହାଇସ୍କୁଲ ପରିସରରେ ମଙ୍ଗଳବାର ୭୧ତମ ମାନବାଧିକାର ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଉଦ୍ଧବ ମୋହନ ପତିଙ୍କ ସଭାପତିତ୍ୱରେ ରାଷ୍ଟ୍ରପତି ପୁରସ୍କାପ୍ରାପ୍ତ ଶିକ୍ଷୟିତ୍ରୀ ଖୁର୍ସିଦା ବେଗମ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଦିବସ ପାଳନର ମହତ୍ତ୍ୱ ଏବଂ ଏଥିରେ ଛାତ୍ରୀଛାତ୍ରଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ସୟଦ ସର୍ଫିର ଅଲ୍ଲୀ, ସେକ୍ କୁରେଶ୍ ଯୋଗଦେଇ ମନୁଷ୍ୟର ମୌଳିକ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାଧାରଣ ଜ୍ଞାନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ତସ୍‌ଲିମା ରୋଜାଲିନ, ରୋବାଲିନ ନାୟକ, ଅସୀମାରାଣୀ ଆଚାର୍ଯ୍ୟ, ଅକ୍ଷୟ ଜେନା, ଧ୍ରୁବଚରଣ ଗଡ଼ନାୟକ, ଚାରୁଲତା ଦଳେଇ, ମମତା ମିଶ୍ର, ପୁଷ୍ପାରାଣୀ ମହାନ୍ତି, ଅନୁପମା ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ୧୪ରୁ ଜିଲାସ୍ତରୀୟ ଚେସ୍ ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୧।୧୨:** ଢେଙ୍କାନାଳ ଜିଲା ଚେସ୍ ସଂଘ ପକ୍ଷରୁ ସ୍ଥାନୀୟ ଇନ୍‌ଡୋର ଷ୍ଟାଡିୟମ୍‌ରେ ଚଳିତ ୧୪ ତାରିଖରୁ ଦୁଇଦିନ ଧରି ଜିଲାସ୍ତରୀୟ ଓପନ୍ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସବୁବର୍ଗ ଏବଂ ବୟସର ପ୍ରତିଯୋଗୀ ଭାଗ ନେଇପାରିବେ। ଏଥି ପାଇଁ ୨୦୦ ଟଙ୍କା ପ୍ରବେଶ ଶୁଳ୍କ ରଖାଯାଇଛି। କୃତୀ ପ୍ରତିଯୋଗୀଙ୍କ ପାଇଁ ଆର୍ଥିକ ପୁରସ୍କାର ଏବଂ ଟ୍ରଫି ଦିଆଯିବା ବ୍ୟବସ୍ଥା କରାଯାଇଥିବା ଅନୁଷ୍ଠାନର ସମ୍ପାଦକ ଦେବବ୍ରତ ଭଞ୍ଜ ସୂଚନା ଦେଇଛନ୍ତି। ୧୪ତାରିଖ ପୂର୍ବାହ୍ନ ୯ଟା ସୁଦ୍ଧା ଇଚ୍ଛୁକ ପ୍ରତିଯୋଗୀମାନେ ଇନ୍‌ଡୋର ହଲ୍‌ରେ ନାମ ପଞ୍ଜୀକରଣ କରିପାରିବେ ବୋଲି ସଂଘର ଅଶୋକ କୁମାର ମିଶ୍ର, ସୁଶାନ୍ତ ଦାସ, ସନ୍ତୋଷ ସ୍ୱାଇଁ ସୂଚନା ଦେଇଛନ୍ତି। ପ୍ରତିଯୋଗିତାକୁ ସଫଳତାର ସହ ଆୟୋଜନ କରିବାକୁ ସଭାପତି ନବୀନଚନ୍ଦ୍ର ନାରାୟଣ ଦାସ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି।

### ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଢେଙ୍କାନାଳ ଅଫିସ, ୧୧।୧୨:** ଢେଙ୍କାନାଳ ସହର ଉପକଣ୍ଠ ବନମାଳୀପ୍ରସାଦସ୍ଥିତ ସତ୍ୟମ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଦୁଇଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ସ୍ଥାନୀୟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ମାୟାଧର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବୀରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅଧକ୍ଷ କ୍ଷୀତିଶ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଖେଳ ଶିକ୍ଷକ ଘନଶ୍ୟାମ ହୋତା ମାର୍ଚ୍ଚପାଷ୍ଟ ଏବଂ କ୍ରୀଡ଼ା ପରିଚାଳନା କରିଥିଲେ। ସୁଦୀପା ଶତପଥୀ, ନେହା ସୁହାନି, ସ୍ମିତିପ୍ରଜ୍ଞା ତ୍ରିପାଠୀ, ସବିତା ସିଂ, ଲକ୍ଷ୍ମୀପ୍ରସାଦ ସାହୁ, ଜୟଶ୍ରୀ ମହାପାତ୍ର, ଦାମୋଦର ସାହୁ, ରଶ୍ମିତା ଜେନା, ସରଫା ବେଗମ ପ୍ରମୁଖ ସହାୟତା କରିଥିଲେ। ଏହି ଅବସରରେ ଅଭିଭାବକଙ୍କୁ ନେଇ ଦୌଡ଼ ପ୍ରତିଯୋଗିତା ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

### ଅଜଗର ଉଦ୍ଧାର

**ଉଦଳା,୧୧।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଉଦଳା ବନାଞ୍ଚଳ ଅଧୀନ ବୈରାଟପୁର ଗ୍ରାମ ନିକଟସ୍ଥ ସୋନ ନଦୀ ପଠାରୁ ମଙ୍ଗଳବାର ଏକ ୭ ଫୁଟିଆ ଅଜଗର ଉଦ୍ଧାର କରାଯାଇଛି। ରାତିରେ ସାପଟି ଗ୍ରାମରୁ ନଦୀ ପଠାକୁ ଯାଉଥିବା ଦେଖି ଗ୍ରାମବାସୀ ସ୍ନେକ ଲାଇଫ୍ ଲାଇନ୍ ସଦସ୍ୟଙ୍କୁ ଖବର ଦେଇଥିଲେ। ଅଭିଜିତ୍ ବେହେରା ଏବଂ ଅଭିନନ୍ଦନ ଦଣ୍ଡପାଟ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ବନ କର୍ମଚାରୀଙ୍କ ଉପସ୍ଥିତିରେ ଏହାକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ିଦିଆଯାଇଛି।

---

■ଜିଲାସ୍ତରୀୟ ବିଜ୍ଞାନମେଳା ବ୍ୟାପକ ଅବ୍ୟବସ୍ଥା

# ଭୋଜିଭାତ କରି ସାରିଦେଲେ

**କାମାକ୍ଷାନଗର, ୧୨।୧୨(ଡି.ଏନ.ଏ.)**



ଉଦ୍‌ଯାପନୀ ସମାରୋହରେ ଜିଲାପାଳଙ୍କ ସମେତ ଅନ୍ୟମାନେ।

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ସାରଙ୍ଗଧର ହାଇସ୍କୁଲରେ ଦୁଇଦିନ ଧରି ଚାଲିଥିବା ୩୮ତମ ଜିଲାସ୍ତରୀୟ ବିଜ୍ଞାନ, ଗଣିତ ଏବଂ ପରିବେଶ ମେଳା ବ୍ୟାପକ ଅବ୍ୟବସ୍ଥା ମଧ୍ୟରେ ଶେଷ ହୋଇଛି। ଏଥିରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀଙ୍କ ପରିବର୍ତ୍ତେ ଆୟୋଜକ ସ୍କୁଲ କର୍ତ୍ତୃପକ୍ଷ ଭୋଜିଭାତକୁ ବେଶି ଗୁରୁତ୍ୱ ଦେଇଥିଲେ। ଏପରି କି ଅତିଥି ଏବଂ ପିଲାଙ୍କ ପାଇଁ ଅଲଗା ଅଲଗା ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ର, ଅଭିଭାବକଙ୍କ ମଧ୍ୟରେ ବ୍ୟାପକ ଅସନ୍ତୋଷ ପ୍ରକାଶ ପାଇଛି। ପରିଚାଳନାଗତ ତ୍ରୁଟି ଏବଂ ଅଭିଜ୍ଞତାର ଅଭାବ ଯୋଗୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ଆଲୋଚନା ହେଉଛି।

ଜିଲାସ୍ତରୀୟ ବିଜ୍ଞାନମେଳାକୁ ସଫଳ କରିବାକୁ ପୂର୍ବରୁ ଘନଘନ ପ୍ରସ୍ତୁତି ବୈଠକ ଡକାଯାଇଥିଲା। ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ସୁକାନ୍ତ ଚରଣ ସାହୁଙ୍କ ଅସୁସ୍ଥତା ଯୋଗୁ ଆୟୋଜକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗବନ୍ଧୁ ଜେନା ସବୁ ଦାୟିତ୍ୱ ତୁଲାଇଥିଲେ। ହେଲେ ପରିଚାଳନାବେଳେ ଆନ୍ତରିକତାର ଅଭାବ ଯୋଗୁ ସବୁ ଫସର ଫାଟିଥିଲା। ସ୍କୁଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଶୌଚାଳୟ ଅପରିଚ୍ଛନ୍ନ ହୋଇପଡ଼ିଥିଲା। ଏହାକୁ ନେଇ ଖୋଦ୍ ଅତିଥିମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଦୁଇଦିନିଆ କାର୍ଯ୍ୟକ୍ରମରେ ଆୟୋଜକ ବିଦ୍ୟାଳୟ ପକ୍ଷରୁ ଆବାହନ ସଙ୍ଗୀତ ପ୍ରସ୍ତୁତ କରାଯାଇ ନ ଥିଲା। ତେଣୁ

■ପରିଚାଳନାଗତ ତ୍ରୁଟି, ଅଭିଜ୍ଞତାର ଅଭାବ

■କଷ୍ଟ ବଢ଼ାଇଲା ଅପରିଷ୍କାର ଶୌଚାଳୟ

■ସ୍ୱାଗତ ସଙ୍ଗୀତ ଗାଇଲେ ଅନ୍ୟ ସ୍କୁଲର ପିଲା

ଏହି କାମକୁ ଅନ୍ୟ ସ୍କୁଲର ଛାତ୍ରୀମାନେ କରିଥିଲେ। ସେହିପରି ବିଳମ୍ବରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାରୁ ଦୂରଦୂରାନ୍ତରୁ ପ୍ରକଳ୍ପ ଧରି ଆସିଥିବା ପ୍ରତିଯୋଗୀମାନେ ଘରକୁ ଫେରିବାରେ ନାହିଁ ନ ଥିବା ହଇରାଣ ହୋଇଥିଲେ।

ଜିଲା ଶିକ୍ଷା ଅଧିକାରୀ ସୁଧାନନ୍ଦ ପରିଡ଼ାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ମାୟାଧର ପାଣି, ପୂର୍ବତନ ନଗରପାଳ ଧର୍ମାନନ୍ଦ ପରିଡା ଯୋଗଦେଇଥିଲେ। ବୁଧବାର ଦ୍ୱିତୀୟ ଦିବସରେ ଆୟୋଜିତ ବିଜ୍ଞାନଭିତ୍ତିକ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ନିମାଇଁ ଚରଣ ସ୍ୱାଇଁ, ଆଇଜିଆଇଟି ପ୍ରଫେସର ସୁଶାନ୍ତ କୁମାର ସେଠୀ, ଡ. ଦେବକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଇଓ ଅଜୟ ପାତ୍ର, ଶାନ୍ତନୁ ମଲ୍ଲିକ, ଅଭିମନ୍ୟୁ ସେଠୀ, ହୃଷୀକେଶ ବାରିକ, ବ୍ରହ୍ମୋତ୍ରୀ ବିଶ୍ୱାଳ, ହରିହର ଦେହୁରୀ ପ୍ରମୁଖ ଯୋଗଦେଇ ଥିଲେ। ଶିକ୍ଷକ ନିରଞ୍ଜନ ସାହୁ, ଜିଲା ବିଜ୍ଞାନ ନିରୀକ୍ଷକ ସୁକାନ୍ତ ସାହୁ, କାନପୁରା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମେଳାରେ ମୋଟ ୮୧ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।

ଏ ନେଇ ପ୍ରଧାନ ଶିକ୍ଷକ ଜେନା କୁହନ୍ତି, ଅର୍ଥ ଅଭାବରୁ ସାମାନ୍ୟ ଅବ୍ୟବସ୍ଥା ହୋଇଛି। ପ୍ରଥମ ଦିବସରେ ଅତିଥି ଏବଂ ପିଲାମାନଙ୍କ ପାଇଁ ସମାନ ଖାଦ୍ୟ କରାଯାଇଥିଲା। ହେଲେ ଦ୍ୱିତୀୟ ଦିନରେ ବିଶିଷ୍ଟ ବ୍ୟକ୍ତିତ୍ୱ ଆସିଥିବାରୁ ସେମାନଙ୍କ ପାଇଁ ଅଲଗା ଖାଦ୍ୟ ହୋଇଥିଲା। ଜିଲାପାଳଙ୍କ ଆସିବାରେ ବିଳମ୍ବ ହେବାରୁ କାର୍ଯ୍ୟକ୍ରମ ଶେଷ ହେବାରେ ସାମାନ୍ୟ ଡେରି ହୋଇଥିବା ସେ କହିଛନ୍ତି। ଏ ନେଇ ଡିଇଓ ସୁଧାନନ୍ଦ ପରିଡ଼ା କୁହନ୍ତି, ବିଜ୍ଞାନ ସୁପର ଭାଇଜରଙ୍କ ହାତ ଅପରେଶନ ହୋଇଥିବାରୁ ସ୍କୁଲର ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଜିଲାସ୍ତରୀୟ କାର୍ଯ୍ୟକ୍ରମ ହୋଇଥିବାରୁ କେଉଁଠାରେ ଛୋଟମୋଟ ସମସ୍ୟା ହୋଇଥାଇପାରେ। ମୋଟାମୋଟି ଭାବେ ମେଳା ସଫଳ ହୋଇଥିବା ସେ ସୂଚନା ଦେଇଛନ୍ତି।

---

■ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ୩୮୫ ଦିବ୍ୟାଙ୍ଗ ପାଇବେ ପ୍ରମାଣପତ୍ର

**ପରଜଙ୍ଗ, ୧୧।୧୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ମହେଶ୍ୱନ୍ଦ୍ର ସୁବହୁସିଂହ ସରକାରୀ ହାଇସ୍କୁଲ ପରିସରରେ ବୁଧବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପଞ୍ଚାୟତର ଶତାଧିକ ଦିବ୍ୟାଙ୍ଗ ଏବଂ ପୂର୍ବରୁ ଅନ୍‌ଲାଇନରେ ନାମ ପଞ୍ଜୀକରଣ କରିଥିବା ଶତାଧିକ ଦିବ୍ୟାଙ୍ଗ ଉପସ୍ଥିତ ଥିଲେ। ଏହି ଅବସରରେ ସମସ୍ତଙ୍କ ଡାକ୍ତରୀ ପରୀକ୍ଷା କରାଯାଇଥିଲା। ବିଭିନ୍ନ ବିଭାଗରେ ୩୫୮ଜଣ ପ୍ରମାଣପତ୍ର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ଶିବିର ମାଧ୍ୟମରେ ମୋଟ ୪୯୩ଜଣ ଉପକୃତ ହେବେ ବୋଲି ସୂଚନା ଦିଆଯାଇଛି।

ଅସ୍ଥିଶଲ୍ୟ ବିଭାଗରେ ୧୯୭, ଶ୍ରବଣ ବାଧିତ ୪୩, ଦୃଷ୍ଟି ବାଧିତ ୩୭, ମାନସିକ ରୋଗ ବିଭାଗରେ ୮୬, ଭେଷଜ ବିଭାଗରେ ୨୨ଜଣ ପ୍ରମାଣପତ୍ର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ଅବସରରେ ୪୮ଜଣଙ୍କୁ ସହାୟକ ଉପକରଣ ପ୍ରଦାନ କରାଯାଇଥିଲା। ସେହିପରି ମଧୁବାବୁ ପେନ୍‌ସନ ଯୋଜନାରେ ୧୭, ବାଣୀଶ୍ରୀରେ ୧୮, ଡିଆରଆଇ ଲୋନ୍ ପାଇଁ ୪, ବସ୍ ଓ ଟ୍ରେନ ପାସ୍ ପାଇଁ ୨୧ଜଣଙ୍କୁ ଚୟନ କରାଯାଇଛି।

ବ୍ଲକ ଅଧକ୍ଷ ଅକ୍ଷୟ ବେହେରା ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ବସନ୍ତ କୁମାର ମଲ୍ଲିକ, ଏବିଡିଓ ଅଶୋକ କୁମାର ମିଶ୍ର, ବ୍ଲକ ଉପାଧକ୍ଷା ବିଳାସିନୀ ସେଠୀ, ଜିପିଇଓ ସୁଦାମ ଚରଣ ସାମଲ ଉପସ୍ଥିତ ଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ସାମନ୍ତରାଏ, ପୋଗ୍ରାମ ଆସିଷ୍ଟାଣ୍ଟ ବାନମ୍ବର ନାୟକ, ଆର୍‌ଆଇ ଆଲୋକ ଲେଙ୍କା, ଗିରୀଶ ଚନ୍ଦ୍ର ସିଂ, ଅପର୍ଣ୍ଣା ପ୍ରିୟଦର୍ଶିନୀ ରାଉତଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଶିକ୍ଷକ, ଅଙ୍ଗନୱାଡି କର୍ମୀ ଯୋଗଦେଇ ଶିବିର ପରିଚାଳନାରେ ସହଯୋଗ କରିଥିଲେ।



ନାମ ପଞ୍ଜୀକରଣ ପାଇଁ ଭିଡ।

---

■୧୪ରୁ ରାଜ୍ୟସ୍ତରୀୟ ଥ୍ରୋ-ବଲ୍ ପ୍ରତିଯୋଗିତା

# ୨୫ ଜିଲାରୁ ଭାଗନେବେ ୫୫୦ ପ୍ରତିଯୋଗୀ




ଥ୍ରୋବଲ ପ୍ରତିଯୋଗିତା ପ୍ରସ୍ତୁତି ବୈଠକରେ ସଂଘର କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ସିମିନଇ ପଞ୍ଚାୟତ ମହିନ୍ଦ୍ରପୁର ଶାସନସ୍ଥିତ ଦାଣ୍ଡିମାଳ ହାଇସ୍କୁଲ ଖେଳପଡ଼ିଆରେ ଚଳିତ ୧୪ ତାରିଖରୁ ଦୁଇଦିନ ଧରି ୨୮ତମ ରାଜ୍ୟ ଥ୍ରୋ-ବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲା ଥ୍ରୋ-ବଲ ଆସୋସିଏଶନ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୨୫ ଜିଲାରୁ ଉଭୟ ମହିଳା ଓ ପୁରୁଷ ବରିଷ୍ଠ ବିଭାଗରେ ୫୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ରାଜକିଶୋର ବେହେରାଙ୍କ ଅଧକ୍ଷତାରେ ବୁଧବାର ପୂର୍ବାହ୍ନ ୧୧ଟାରେ ଦାଣ୍ଡିମାଳ ହାଇସ୍କୁଲ ସଭାଗୃହରେ ଆୟୋଜିତ ପ୍ରସ୍ତୁତି ବୈଠକରେ ପ୍ରତିଯୋଗିତା ଆୟୋଜନର ଚୂଡାନ୍ତ ରୂପରେଖ ପ୍ରସ୍ତୁତ କରାଯାଇଛି। ଖେଳ ପରିଚାଳନା ଲାଗି ୫୦ଜଣ କୋଚ୍, ରେଫରି ଏବଂ ରାଜ୍ୟସ୍ତରୀୟ କର୍ମକର୍ତ୍ତା ଯୋଗଦେବେ। ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ପ୍ରତିଯୋଗୀଙ୍କୁ ଚୟନ କରାଯାଇ ଜାତୀୟ ଦଳରେ ସାମିଲ କରାଯିବ। ପ୍ରତିଯୋଗିତା ପାଇଁ ୪ଟି ପଡ଼ିଆ ପ୍ରସ୍ତୁତ କରାଯାଇଛି। ପ୍ରତି ପଡ଼ିଆ ଦାୟିତ୍ୱରେ ୫ଜଣ କ୍ରୀଡ଼ା ଶିକ୍ଷକ ଏବଂ ୩ଜଣ ସ୍ୱେଚ୍ଛାସେବୀ ରହିବେ ବୋଲି ପରିଚାଳନା କମିଟି ସମ୍ପାଦକ ରାମକୃଷ୍ଣ ବେହେରା ସୂଚନା ଦେଇଛନ୍ତି।

ପ୍ରସ୍ତୁତି ବୈଠକରେ ଦାଣ୍ଡିମାଳ ହାଇସ୍କୁଲ ପରିଚାଳନା କମିଟି ପକ୍ଷରୁ ଶଶାଙ୍କ ଶେଖର ରଥ, ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ, କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ପରିଡା, ସ୍ଥାନୀୟ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପୂର୍ଣ୍ଣଚନ୍ଦ୍ର ହୋତା, ସିମିନଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସ୍ୱପ୍ନେଶ୍ୱର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

---

# ୧୯୮୩ର ସାହାଣୀ କପ୍ ଚାମ୍ପିୟନ ଦଳ ସମ୍ବର୍ଦ୍ଧିତ



ସମ୍ବର୍ଦ୍ଧିତ ହୋଇଥିବା ୧୯୮୩ର ସାହାଣୀ କପ୍ ଚାମ୍ପିୟନ ଦଳର ଖେଳାଳିମାନେ।

**ଢେଙ୍କାନାଳ ଅଫିସ, ୧୧।୧୨**

ଢେଙ୍କାନାଳ ଫୁଟବଲ ଇତିହାସରେ ୧୯୮୩ ମସିହା ସ୍ମରଣୀୟ ହୋଇ ରହିବ। ଏହି ବର୍ଷ ଘରୋଇ ଦଳ ସାହାଣୀ କପ୍ ଚାମ୍ପିୟନ ହୋଇଥିଲା। ଏହାପରେ ଢେଙ୍କାନାଳ ଦଳ ଭାଗ୍ୟରେ ଚାମ୍ପିୟନ ହେବାର ସୁଯୋଗ ଜୁଟିନାହିଁ। ଏହାର ୩୬ବର୍ଷ ପରେ ଚଳିତବର୍ଷ ଢେଙ୍କାନାଳକୁ ମିଳିଥିଲା ଆୟୋଜନ ଦାୟିତ୍ୱ। ଯଦିଓ ଏଥିରେ ଘରୋଇ ଟିମ୍ ସେମିଫାଇନାଲରୁ ବିଦାୟ ନେଇଛି, ତଥାପି ଶୃଙ୍ଖଳିତ ଆଚରଣ ଏବଂ ଖେଳୁଆଡ଼ ମନୋଭାବ ପାଇଁ ଖେଳାଳିମାନେ ଦର୍ଶକଙ୍କ ମନରେ ଛାଡ଼ିଛନ୍ତି ସ୍ୱତନ୍ତ୍ର ଛାପ।

ଅନ୍ୟପଟେ ପୂର୍ବ ଗୌରବକୁ ମନେପକାଇ ବୁଧବାର ଅପରାହ୍ନରେ ସ୍ଥାନୀୟ ଷ୍ଟାଡିୟମରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ୧୯୮୩ର ଚାମ୍ପିୟନ ଦଳର ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବସନ୍ତ କୁମାର ଦାସ, ପ୍ରମୋଦ କୁମାର ରାଉତ, ବସନ୍ତ କୁମାର ବିଶୋଇ, ଶ୍ୟାମସୁନ୍ଦର ମହାପାତ୍ର, ସୁନୀଲ କୁମାର ଟିଗା, ମୀର୍ଜା ଜାହିର ବେଗ୍, ମଣ୍ଟୁ ନାୟକ, ଭୀମସେନ ମହାଲିକ, ଶେକ ସଲାଲୁଦ୍ଦିନ, ଶେକ୍ ଦାଉଦ, ଗଙ୍ଗାଧର ରାଉତ ଓ ରଞ୍ଜନ ଟିଗା ପ୍ରମୁଖ ଚାମ୍ପିୟନ ଟିମ୍‌ର ସଦସ୍ୟ ଥିଲେ। ଏହି ଉପଲକ୍ଷେ ପୂର୍ବତନ କ୍ରୀଡ଼ାବିତ୍‌ମାନେ ଚାମ୍ପିୟନ ହେବା ଦିନର ସ୍ମୃତି ରୋମନ୍ଥନ କରିଥିଲେ।

ଜିଲା କ୍ରୀଡାସଂଘ ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ରାମ ନାରାୟଣ ସାହୁ, ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ମନୋଜ ପଟ୍ଟନାୟକ, ଗୌରାଙ୍ଗ ଚରଣ ସେଠୀ ପ୍ରମୁଖ ପୂର୍ବତନ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

---

# ପୋଖରୀରେ ବୁଡି ମହିଳାଙ୍କ ମୃତ୍ୟୁ

**ବାରିପଦା ଅଫିସ,୧୧।୧୨**

ବାରିପଦା ଟାଉନ ଥାନା ଅଧୀନ ତକତପୁର ଅଞ୍ଚଳରେ ବୁଧବାର ପୋଖରୀରେ ବୁଡି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ବାରିପଦା ସହର ୨୩ନଂ. ୱାର୍ଡର ଉର୍ମିଳା ସିଂ। ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ଗୋଡ଼ ଖସିଯିବାରୁ ସେ ବୁଡ଼ି ଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୭୬/୧୯) ରୁଜୁ ହୋଇଛି।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ